ଧରିତ୍ରୀ
DHARITRI
December 16-22, 2018 ₹ 2/-

# ଛୁଟିଦିନ

ବାଡ଼! କଣ୍ଟା ବାଉଁଶ, ଶିଝୁ, କିଆ କିମ୍ବା ତାରଜାଲିରେ ପ୍ରସ୍ତୁତ ଗୋଟିଏ ଗୋଟିଏ ଘେରା। ମାତ୍ର ଖୁବ୍ ସୂକ୍ଷ୍ମ ଭାବରେ ଦେଖିଲେ ବାଡ଼ର ମହତ୍ତ୍ୱ ସୁଦୂରପ୍ରସାରୀ। ମଣିଷକୁ ତା'ର ସୀମାବଦ୍ଧତା ସୂଚେଇଦେଇ ଏକ ସୁରକ୍ଷିତ ତଥା ଶୃଙ୍ଖଳିତ ଜୀବନ ଯାପନ କରିବାର ପଦ୍ଧତି ହେଉଛି ବାଡ଼...



## ବାଡ଼

୪
ପ୍ରଚ୍ଛଦ ପ୍ରସଙ୍ଗ

୧୩
ସହରଠୁ ଦୂର





୮/୯
ସିନେମା

# କେମିତି ହେବେ ସମସ୍ତଙ୍କ ପ୍ରିୟ



ପ୍ରତ୍ୟେକ ବ୍ୟକ୍ତି ଚାହାନ୍ତି ସମସ୍ତଙ୍କ ଦ୍ୱାରା ଆଦୃତ ହୋଇ ସମସ୍ତଙ୍କ ପ୍ରିୟ ହେବା ପାଇଁ । ତେବେ କିଭଳି ହେବେ ସମସ୍ତଙ୍କ ଫେଭରିଟ୍ ସେ ସମ୍ପର୍କରେ....

- ସମସ୍ତଙ୍କ ପ୍ରିୟ ହେବାକୁ ହେଲେ ସର୍ବପ୍ରଥମେ ସମସ୍ତଙ୍କୁ ଆପଣାର କରିବା ଶିଖନ୍ତୁ।
- ବଡଙ୍କୁ ସମ୍ମାନ ଦିଅନ୍ତୁ ଏବଂ ସାନକୁ ଆଦର କରନ୍ତୁ।
- ନିଃସ୍ୱାର୍ଥପର ଭାବେ ଭଲପାଆନ୍ତୁ।
- ଦୟାବାନ ଏବଂ ନମ୍ର ହୁଅନ୍ତୁ। ଅସୁବିଧାରେ ଥିବା ଲୋକଙ୍କୁ ସାହାଯ୍ୟ କରନ୍ତୁ।
- ଜଣେ ଭଲ ଶ୍ରୋତା ହୁଅନ୍ତୁ। ସାମ୍ନା ବ୍ୟକ୍ତି କ'ଣ କହିବାକୁ ଚାହୁଁଛନ୍ତି ତାକୁ ବୁଝିବାକୁ ଚେଷ୍ଟା କରନ୍ତୁ।
- ଅନ୍ୟମାନଙ୍କ କାର୍ଯ୍ୟକୁ ପ୍ରଶଂସା କରିବା ଅଭ୍ୟାସ କରନ୍ତୁ।
- କାହାକୁ ଖରାପ ଲାଗିବା ବା ବାଧିଲା ଭଳି ଶବ୍ଦ ବ୍ୟବହାର କରନ୍ତୁ ନାହିଁ।
- କାହା ବିରୋଧରେ ଅଯଥା ଗପନ୍ତୁ ନାହିଁ ବା ଟିକା ଟିପ୍ପଣୀ ଦିଅନ୍ତୁ ନାହିଁ।
- ଖୋଲା ମିଜାଜ୍‌ରେ ସମସ୍ତଙ୍କ ସହ ମିଶନ୍ତୁ ଏବଂ ଲୋକଙ୍କ ସହ କଥା ହେବା ବେଳେ ମୁହଁରେ ସବୁବେଳେ ସ୍ମିତହାସ୍ୟ ବଜାୟ ରଖନ୍ତୁ।
- ସବୁଠାରୁ ମୁଖ୍ୟ କଥା ହେଉଛି ନିଜେ ସକାରାତ୍ମକ ରୁହନ୍ତୁ ଏବଂ ନିଜ ପାରିପାର୍ଶ୍ୱିକ ପରିବେଶରେ ମଧ୍ୟ ସକାରାତ୍ମକ ଉର୍ଜା ସୃଷ୍ଟି କରନ୍ତୁ।

## ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର

ଡିସେମ୍ବର ୧୬-୨୨

**ମେଷ**

ରବିବାର- କର୍ମକ୍ଷେତ୍ରରେ ପ୍ରତିବନ୍ଧକ, କାର୍ଯ୍ୟହାନି। ସୋମ ଓ ମଙ୍ଗଳବାର- ମିତ୍ରତା, ଅର୍ଥଲାଭ । ବୁଧ ଓ ଗୁରୁବାର- ପାରିବାରିକ ଶାନ୍ତି । ଶୁକ୍ର ଓ ଶନିବାର- ସାମାଜିକ ପ୍ରତିଷ୍ଠା, କଳାପ୍ରିୟ ହେବେ, ମାନସିକ ଦ୍ୱନ୍ଦ୍ୱ ।

**ବୃଷ**

ରବିବାର- ସହଯୋଗ ମିଳିବ, ପରିବହନରେ ଝଗଡା । ସୋମ ଓ ମଙ୍ଗଳବାର- ସମାଲୋଚନା, ନୀଚସଂସର୍ଗ । ବୁଧ ଓ ଗୁରୁବାର- ଦୂରଯାତ୍ରା, ସଙ୍ଗୀତରୁ ସମ୍ମାନ । ଶୁକ୍ର ଓ ଶନିବାର- ଆତ୍ମୀୟଙ୍କ ଅପପ୍ରଚାର ।

**ମିଥୁନ**

ରବିବାର-ବନ୍ଧୁ ବତ୍ସଳତା । ସୋମ ଓ ମଙ୍ଗଳବାର- ସନ୍ତାନଙ୍କ ସମସ୍ୟା, ଆଶା ପୂରଣ । ବୁଧ ଓ ଗୁରୁବାର- ପାରିବାରିକ ଜଞ୍ଜାଳ, ବନ୍ଧୁମିଳନ । ଶୁକ୍ର ଓ ଶନିବାର- ଧନହାନି, ଶରୀର କଷ୍ଟ ।

**କର୍କଟ**

ରବିବାର- ମାନସିକ ଦ୍ୱନ୍ଦ୍ୱ । ସୋମ ଓ ମଙ୍ଗଳ ବାର-ବନ୍ଧୁଙ୍କ ଆଦର, ଶୁଭ ଖବର ପାଇବେ । ବୁଧ ଓ ଗୁରୁବାର- ପ୍ରଶାସନିକ ସଫଳତା । ଶୁକ୍ର ଓ ଶନିବାର- ଧର୍ମକାର୍ଯ୍ୟ, ବ୍ୟବସାୟରେ ଉନ୍ନତି, ଯାତ୍ରାଶୁଭ ।

**ସିଂହ**

ରବିବାର-ନୂତନ କର୍ମାରମ୍ଭ, ଅର୍ଥହାନି। ସୋମ ଓ ମଙ୍ଗଳ ବାର-ସହକର୍ମୀଙ୍କ ସୌହାର୍ଦ୍ଦ୍ୟ । ବୁଧ ଓ ଗୁରୁବାର- ପରିସ୍ଥିତିର ପରିବର୍ତ୍ତନ । ଶୁକ୍ର ଓ ଶନିବାର- ପରାଶ୍ରୟତା, ପାରିବାରିକ ଶାନ୍ତି।

**କନ୍ୟା**

ରବିବାର- ଆକସ୍ମିକ କଳହ । ସୋମ ଓ ମଙ୍ଗଳବାର- ତରବରିଆ କାମ, ଦୂରଯାତ୍ରା । ବୁଧ ଓ ଗୁରୁବାର-ଶୁଭ ଖବର, ସରକାରୀ ସହାୟତା । ଶୁକ୍ର ଓ ଶନିବାର- ଜମିଲାଭ, ପାର୍ଟି, ପିକ୍‌ନିକ୍‌ର ଯୋଜନା ।

**ତୁଳା**

ରବିବାର- ସମ୍ପର୍କ ହାନି, ପ୍ରତିଯୋଗିତା। ସୋମ ଓ ମଙ୍ଗଳବାର- ସଙ୍କୁଚିତ ରହିବେ, ମନୋବଳ ହ୍ରାସ । ବୁଧ ଓ ଗୁରୁବାର -ସାହିତ୍ୟ ଚର୍ଚ୍ଚା, ବନ୍ଧୁଙ୍କ ଆତିଥ୍ୟ, ଜମିଜମା ବିବାଦ । ଶୁକ୍ର ଓ ଶନିବାର- ନୂତନ ଯୋଜନା, ଉଚ୍ଚ କର୍ତ୍ତୃପକ୍ଷଙ୍କ ତାଗିଦ ।

**ବିଛା**

ରବିବାର-ମିତ୍ରତା ବୃଦ୍ଧି । ସୋମ ଓ ମଙ୍ଗଳବାର- ଧନହାନି, ବିଳମ୍ବରେ ସଫଳତା । ବୁଧ ଓ ଗୁରୁବାର- କର୍ମନିଯୁକ୍ତି । ଶୁକ୍ର ଓ ଶନିବାର- ଧର୍ମକାର୍ଯ୍ୟ, ସହକର୍ମୀଙ୍କ ଅନୁରକ୍ତି, ପଡୋଶୀଙ୍କ କୃତଜ୍ଞତା, ସଂସ୍କୃତି ପ୍ରିୟତା ।

**ଧନୁ**

ରବିବାର-ଜିନିଷଟି ପାଇବେ । ସୋମ ଓ ମଙ୍ଗଳବାର- ପ୍ରେରଣା ଓ ସହଯୋଗ । ବୁଧ ଓ ଗୁରୁବାର- ଶତ୍ରୁତାର ଅବସାନ । ଶୁକ୍ର ଓ ଶନିବାର- ମାତୃପୀଡା, ଭୁଲ୍ ବୁଝାମଣା, ଅଭିଯୋଗ ଆସିପାରେ, ଆଘାତପ୍ରାପ୍ତି ।

**ମକର**

ରବିବାର- ଅବସ୍ଥା ସୁଧୁରିବ, ଆଶା ପୂରଣ । ସୋମ ଓ ମଙ୍ଗଳବାର- ଅନୁପସ୍ଥିତିର ଅନୁଚିନ୍ତା, ଶୁଭଖବର ପାଇବେ । ବୁଧ ଓ ଗୁରୁବାର -ମାନସିକ ପ୍ରସନ୍ନତା । ଶୁକ୍ର ଓ ଶନିବାର-ଅର୍ଥ ଇଚ୍ଛା ପ୍ରକାଶର ଚିନ୍ତା, ଅନୁକୂଳ ମତ ପାଇବେ ।

**କୁମ୍ଭ**

ରବିବାର- ସ୍ୱାର୍ଥସାଧନ, କଳହକୁ ନିମନ୍ତ୍ରଣ । ମଙ୍ଗଳବାର- ସୌଖୀନ ଦ୍ରବ୍ୟ କ୍ରୟ । ବୁଧ ଓ ଗୁରୁବାର-ଆୟବୃଦ୍ଧି, ନିର୍ମାଣ କାର୍ଯ୍ୟର ପୂର୍ଣ୍ଣତା, ବନ୍ଧୁ ଆସିବେ । ଶୁକ୍ର ଓ ଶନିବାର-ପ୍ରତ୍ୟୁଷ ଯାତ୍ରା, ବନ୍ଧୁଙ୍କ ଆଦର ଗୌରବ, ଈର୍ଷାଳୁଙ୍କ ନିନ୍ଦାଗାନ, ଖର୍ଚ୍ଚବୃଦ୍ଧି ।

**ମୀନ**

ରବିବାର-ନୂତନ ଯୋଜନା, ଆର୍ଥିକ ଅନଟନ । ସୋମ ଓ ମଙ୍ଗଳବାର- ଦ୍ରବ୍ୟପ୍ରାପ୍ତି, ସାମାନ୍ୟ କଥାରୁ ଦ୍ୱନ୍ଦ୍ୱ । ବୁଧ ଓ ଗୁରୁବାର- ବୁଝାମଣାରେ ଉନ୍ନତି, ଅଶୌଚ ଖବର । ଶୁକ୍ର ଓ ଶନିବାର- ପର୍ଯ୍ୟଟନ ଓ ବନ୍ଧୁମିଳନରୁ ଆନନ୍ଦ ।

# କାଠରେ ନିର୍ମିତ ବାଇକ୍

ଟେକ୍ନୋଲୋଜିର ଅଗ୍ରଗତି ଫଳରେ ବାଇକ୍ ହେଉ ବା କାରରେ ଦିନକୁ ଦିନ ନୂଆ ନୂଆ ଫିଚରମାନ ଦେଖିବାକୁ ମିଳୁଛି। ଯାହାଫଳରେ ଗ୍ରାହକମାନେ ଏକା ସଙ୍ଗେ ଅନେକ ପ୍ରକାର ସୁବିଧା ପାଇପାରୁଛନ୍ତି। ତେବେ ଆଜିର ଆଧୁନିକ ସୁବିଧା ସୁଯୋଗଠାରୁ ବଞ୍ଚିତ ହୋଇ ଆଜି ବି ଏଭଳି ଅନେକ ସଂପ୍ରଦାୟ ଅଛନ୍ତି ଯେଉଁମାନେ ପାରମ୍ପରିକ ଜ୍ଞାନକୌଶଳ ଉପଯୋଗ କରି ନିଜ ପାଇଁ ପ୍ରସ୍ତୁତ କରୁଛନ୍ତି ନିତ୍ୟ ବ୍ୟବହାର୍ଯ୍ୟ ଜିନିଷ ତଥା ଆମୋଦପ୍ରମୋଦ ସାମଗ୍ରୀ। ସେହିଭଳି 'ଇଗୋଲୋଟ୍' ନାମକ ଏକ ଆଦିବାସୀ ସମ୍ପ୍ରଦାୟ ରୁହନ୍ତି ଫିଲିପାଇନ୍ସରେ ଯେଉଁମାନେ ଗଛ ଗଣ୍ଡିରୁ ପ୍ରସ୍ତୁତ କରୁଛନ୍ତି ସୁନ୍ଦର ବାଇକ୍। ଏହି ସମ୍ପ୍ରଦାୟ ନିଜର ପାରମ୍ପରିକ କାଠ ଖୋଦେଇ କାମ ପାଇଁ ବେଶ୍ ପ୍ରସିଦ୍ଧି ଲାଭ କରିଛନ୍ତି। ତେବେ ବର୍ତ୍ତମାନ ଏମାନେ କାଠ ଗଣ୍ଡିରେ ଖୋଦନ କରି ପ୍ରସ୍ତୁତ କରିଛନ୍ତି ପୂର୍ଣ୍ଣ କାର୍ଯ୍ୟକ୍ଷମ କାଠ ବାଇକ୍। କାଠର ଚକ,



ପେଡାଲ, ହ୍ୟାଣ୍ଡେଲ ଥିବା ଏହି ବାଇକ୍‌ଟି ବିଭିନ୍ନ ପଶୁ ଯଥା ବାଘ, ସିଂହ, ଘୋଡା, ଡ୍ରାଗନ୍ ଆଦି ଥିମ୍‌କୁ ନେଇ ପ୍ରସ୍ତୁତ ହୋଇଥାଏ। ଏହି ବାଇକ୍‌କୁ ଚଳେଇବା ପାଇଁ ସ୍ୱତନ୍ତ୍ର କୌଶଳର ଆବଶ୍ୟକତା ହୋଇଥାଏ ।

# ପାଠକୀୟ

❖ଏମାନଙ୍କର ଶରୀର ଦୁର୍ବଳ ହୋଇପାରେ, ହେଲେ ମନ ନୁହେଁ। ମନକୁ ଦୃଢ଼ କରିଛନ୍ତି, ଆଗେଇଛନ୍ତି, ଆଉ ଅସମ୍ଭବକୁ ସମ୍ଭବ କରି ଦେଖେଇଛନ୍ତି। ସେମିତି କେତେଜଣ ପ୍ରତିଭାଧାରୀ ବ୍ୟକ୍ତିତ୍ୱଙ୍କ ସମ୍ପର୍କରେ ଏଥରର ପ୍ରଚ୍ଛଦ ପ୍ରସଙ୍ଗ 'କିଛି ନୁହେଁ ଅସମ୍ଭବ'ରେ ପଢିଲି, ଖୁସି ଲାଗିଲା। 'କେମିତି କହିବେ ନା', 'ସ୍ଲିପ୍ ରେଡିଓ' ପାଠ ଦୁଇଟିରୁ ଅନେକ ନୂଆ କଥା ଜାଣିବାକୁ ମିଳିଲା।

*-ବାବାଜୀ ଚରଣ ବଳିୟାରସିଂହ, ଭଦ୍ରକ*

❖ଉକ୍ତ ସଂଖ୍ୟାର ପ୍ରଚ୍ଛଦ ପ୍ରସଙ୍ଗ 'କିଛି ନୁହେଁ ଅସମ୍ଭବ' ଲେଖାରୁ ଦିବ୍ୟାଙ୍ଗ କିଶୋର/କିଶୋରୀ ତଥା ବୟସ୍କଙ୍କର ବିଭିନ୍ନ କାର୍ଯ୍ୟରେ ଦକ୍ଷତା ଥିବା ଜାଣିବାକୁ ମିଳିଲା। ସତରେ ସେମାନେ ଆଜିର ଯୁବପିଢ଼ିଙ୍କ ପାଇଁ ଜଣେ ଜଣେ ଉଦାହରଣ। ସ୍ୱାଧୀନଚେତା ଲେଖିକା ସିଗ୍ରିଡ୍ ଅନ୍‌ସେଟ୍‌ଙ୍କ ଜୀବନୀ ସମ୍ବନ୍ଧରେ ବ୍ୟକ୍ତିତ୍ୱ ପୃଷ୍ଠାରେ ପଢିଲି, ଏହା ବେଶ୍ ହୃଦୟସ୍ପର୍ଶୀ ହୋଇପାରିଥିଲା।

**-ଶ୍ରୀରାମଚନ୍ଦ୍ର ଦାଶ, ବିଦ୍ୟାଧରପୁର, ଗୁଆଳିଗୋରଡ଼ା, ପୁରୀ**

❖ସୃଜନ ପୃଷ୍ଠାରେ ସ୍ଥାନିତ 'ଭାବାନ୍ତର' ନାମକ ଏକ ଗପ ପଢିଲି, ଏହା ବେଶ୍ ମନଲାଖି ହୋଇଥିଲା। ସେହିପରି ସିନେମା ପୃଷ୍ଠାରେ ଦୀପିକା-ରଣବୀରଙ୍କ ବିବାହ ପରର ଫଟୋ ଦେଖିଲି, ମନ ଖୁସି ହୋଇଗଲା। 'ଚ୍ୟାଲେଞ୍ଜ ଦେବେ ପ୍ରୀତି,' 'ହୃତିକଙ୍କ ବେଷ୍ଟ ଫ୍ରେଣ୍ଡ', 'ଆଇଟମ୍ ନମ୍ବର ପାଇଁ ଟେନ୍‌ସନ୍' ଆଦି ପାଠର ବି ଉପସ୍ଥାପନା ଶୈଳୀ ବେଶ୍ ଉଚ୍ଚକୋଟୀର ହୋଇଥିଲା।

*-ରଶ୍ମିରେଖା ଦାଶ, ଆଳି, କେନ୍ଦ୍ରାପଡ଼ା*

❖ଗୀତିକାର ସୁନୀଲ କୁମାର ମହାରଣାଙ୍କ ରୋଜଗାର ସମ୍ପର୍କିତ ଲେଖାଟି ବେଶ୍ ମନଛୁଆଁ ହୋଇପାରିଥିଲା। ସାଥୀର ଉତ୍ତରଗୁଡ଼ିକ ବି ବେଶ୍ ରୋମାଣ୍ଟିକ୍ ଲାଗୁଛି। 'ଫନି ୱିଣ୍ଟର କ୍ୟାପ୍' ପାଠଟିରୁ ଅନେକ ଆଶ୍ଚର୍ଯ୍ୟଜନକ କ୍ୟାପ୍‌ଗୁଡ଼ିକର ଫଟୋ ଦେଖି ମଜା ଲାଗିଲା। ମଡେଲ ମିରର୍‌ରେ ସୌମ୍ୟ ବେଶ୍ ହ୍ୟାଣ୍ଡସମ୍ ଲାଗୁଥିଲେ।

*-ରିଚି, ସଚି, ଭବାନୀପାଟଣା*

❖ସହର ପୃଷ୍ଠାରୁ ମୟୂରେଶ୍ୱର ବନ୍ୟପ୍ରାଣୀ ଅଭୟାରଣ୍ୟ ସମ୍ପର୍କରେ ଅନେକ ନୂଆ କଥା ଜାଣିବାକୁ ମିଳିଲା। ବିବିଧା ଓ ବ୍ୟାକ୍‌ପେଜ୍‌ର ଛୋଟ ଛୋଟ ପାଠ ଆଶ୍ଚର୍ଯ୍ୟ ଲାଗିଲେ ବି ମନଲାଖି ହୋଇପାରୁଛି। ପ୍ରତିଥର କାର୍ଟୁନ କର୍ନର ମଧ୍ୟ ମୋର ପସନ୍ଦ।

*-ରାକେଶ ମହାନ୍ତି, ସମ୍ବଲପୁର*

## ବିଶେଷ ଚିଠି



ଧରିତ୍ରୀର ଛୁଟିଦିନ
ଏକ ସ୍ୱତନ୍ତ୍ର ପତ୍ରିକା
ତାକୁ ଆଦର କରନ୍ତି
ସବୁ ପାଠକ ପାଠିକା।
ପ୍ରଚ୍ଛଦ ପ୍ରସଙ୍ଗ, ସହରଠୁ ଦୂର
ସୃଜନ, ସାଥୀ ଉତ୍ତର
ସିନେମାର ଲେଖା ଓ ରଙ୍ଗିନ ଛବି
ଲାଗେ ଅତି ମନୋହର।

*-ଶରତ କୁମାର ଚଉଁରୀ*
*ମଙ୍ଗଳପୁର, ପିପିଲି, ପୁରୀ*

ଧରିତ୍ରୀ ଛୁଟିଦିନ
ସମ୍ପାଦକ: ତଥାଗତ ସତପଥୀ
Printed and published by Sri Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph.:2549302, Fax : 2549795

ସୂଚନା
ଛୁଟିଦିନ ପାଇଁ ଲେଖା ଓ ଫଟୋ ପଠାଇବାର ଇ-ମେଲ୍ ଠିକଣା: chhutidinadharitri@gmail.com

# ଶାଢ଼ିରେ ସେଲିବ୍ରିଟି



ସେଲେନା ଗୋମେଜ୍




ନାଓମି କ୍ୟାମ୍ପବେଲ

**ଶାଢ଼ିର ଆଦର ଖାଲି ଭାରତରେ ନୁହେଁ, ସାରା ପୃଥିବୀରେ ରହିଛି। ଏହାର ଆକର୍ଷଣରୁ ହଲିଉଡ୍‌ର ଗ୍ଲାମର୍ସ ସେଲିବ୍ରିଟି ବା କେମିତି ବାଦ୍ ପଡିଥାଆନ୍ତେ। ସେଇଥିପାଇଁ ତ ଅନେକ ସମୟରେ ସେମାନେ ବି ଉଭା ହୋଇଛନ୍ତି ଏହି ଦେଶୀ ଅବତାରରେ...**



ଓପ୍ରା ୱିନଫ୍ରେ



ଜୁଲିଆ ରବର୍ଟ

**ନାଓମି କ୍ୟାମ୍ପବେଲ୍**– ସୁପର ମଡେଲ୍ ନାଓମି କ୍ୟାମ୍ପବେଲ ହେଉଛନ୍ତି ଫ୍ୟାଶନ ଜଗତର 'ବ୍ଲାକ୍ ବ୍ୟୁଟି'। ର୍‌ୟାମ୍ପ୍‌ରେ ସେ ଅନେକ ବିଖ୍ୟାତ ଡିଜାଇନର୍‌ଙ୍କ ଭିନ୍ନ ଭିନ୍ନ ଓ ସୁନ୍ଦର ପୋଷାକକୁ ପ୍ରଦର୍ଶିତ କରିଛନ୍ତି। ତେବେ ତାଙ୍କୁ ବହୁତ କମ୍ ଦେଖିଥିବେ ଭାରତୀୟ ପରିଧାନ ଶାଢ଼ିରେ। ଏକ ର୍‌ୟାମ୍ପ୍ ଶୋ'ରେ ସେ ସବ୍ୟସାଚୀଙ୍କ ଶିୟର ବ୍ଲାକ୍ ଶାଢ଼ି ପିନ୍ଧି ଲାଗୁଥିଲେ ବେଶ୍ ଆକର୍ଷକ।

**ମାଡୋନା**– ହଲିଉଡ୍ ଗାୟିକା ମାଡୋନାଙ୍କୁ ଭାରତୀୟ ପରମ୍ପରା, ସଂସ୍କୃତି ବହୁତ ଭଲ ଲାଗେ। ସେଥିପାଇଁ ତ ସେ ଏକ ନୀଳରଙ୍ଗର ଶାଢି ସହ ଅକ୍ସିଡାଇଜ୍‌ଡ ଚୁଡି, ଷ୍ଟେଟମେଣ୍ଟ ନେକଲେସ୍ ପିନ୍ଧିଥିଲେ। ଏହି ଗେଟ୍‌ଅପ୍‌କୁ ତାଙ୍କ ପ୍ରଶଂସକମାନେ ବେଶ୍ ପସନ୍ଦ କରିଥିଲେ।

**ଭିକ୍ଟୋରିଆ ବେକହାମ୍**– ବବ୍ କଟ୍ ହେୟାର୍ ଲୁକ୍ ପାଇଁ ପ୍ରସିଦ୍ଧ ଏହି ସିଙ୍ଗର କମ୍ ଆକ୍ଟର ଫ୍ୟାଶନ ଜଗତରେ ବହୁ ବର୍ଷ ଧରି ରାଜ୍ କରିଆସୁଛନ୍ତି। ସେ ବି ଏହି ଭାରତୀୟ ପରିଧାନ ମୋହରୁ ବର୍ତ୍ତି ପାରିନାହାନ୍ତି। ଜରି ଓ ଜରଦୋଜି କାମ ହୋଇଥିବା ଲାଲ୍ ରଙ୍ଗର ଶାଢିରେ ଖୋଲା କର୍ଲ କେଶ ଓ ଲୋ କଟ୍ ସ୍କୋୟାର୍ ନେକ୍ ବ୍ଲାଉଜ୍ ପିନ୍ଧି ଭିକ୍ଟୋରିଆ ହଟ୍ ଲାଗୁଥିଲେ। ଏକ ମାଗାଜିନ୍‌ର କଭର୍ ଶୁଟ୍ ଏହି ଗେଟ୍‌ଅପ୍‌ରେ ହୋଇଥିଲା।

**ଓପ୍ରା ୱିନଫ୍ରେ**– ହାର୍ପୋ ପ୍ରଡକ୍ସନ୍‌ର ସିଇଓ ତଥା ପ୍ରସିଦ୍ଧ ଟକ୍ ଶୋ' ହୋଷ୍ଟ ଓ ଟେଲିଭିଜନ୍ ପ୍ରଡ୍ୟୁସର ଓପ୍ରା ୱିନଫ୍ରେ ଭାରତକୁ ଆସିଥିଲେ। ଅମିତାଭ ବଚ୍ଚନଙ୍କ ଘରକୁ ଯାଇଥିଲେ। ଆଉ ଦୁଇ ଦୁଇଥର ଶାଢି ପିନ୍ଧିଥିଲେ। ବଚ୍ଚନ ପରିବାର ସହ ଡିନର କରିବାବେଳେ ଅରେଞ୍ଜ ରେଡ୍ କଲର୍‌ର କାଞ୍ଜିବରମ୍ ଶାଢି ପିନ୍ଧିଥିଲେ ଏବଂ ଏକ ଉନ୍ମୋଚନ ପାଇଁ ଯିବାବେଳେ ବଟଲ୍ ଗ୍ରୀନ୍ ଶାଢି ସହ କଳାରଙ୍ଗର ବ୍ଲାଉଜ୍ ପିନ୍ଧିଥିଲେ। ଉଭୟ ଶାଢିରେ ସେ ବେଶ୍ ସୁନ୍ଦର ଦେଖାଯାଉଥିଲେ।

**ସେଲେନା ଗୋମେଜ୍**–ହଲିଉଡ୍ ଗାୟିକା ତଥା ଫ୍ୟାଶନ ଆଇକନ୍ ସେଲେନା ମଧ୍ୟ ନିଜର ସେନ୍‌ସୁଆଲ୍ ଡ୍ରେସ୍ ଓ ସ୍କର୍ଟସ୍‌ରୁ ବିରତି ନେଇ ଶାଢି ପିନ୍ଧିଥିଲେ। ୟୁନିସେଫ୍‌ର ଗୁଡ୍‌ୱିଲ ଆମ୍ବାସାଡର ଭାବେ ନେପାଳ ଯାଇଥିବାବେଳେ କମଳା ରଙ୍ଗର ଶାଢି ସହ ମ୍ୟାଚିଂ ନେକ୍‌ପିସ୍, ଚୁଡି ଓ ବିନ୍ଦି ବି ଲଗାଇଥିଲେ। ଲାଗୁଥିଲେ ପୂରାପୂରି ଭାରତୀୟ ସୁନ୍ଦରୀ ପରି।

**ଜୁଲିଆ ରବର୍ଟ**– 'ଇଟ୍, ପ୍ରେ, ଲଭ୍' ଚଳଚ୍ଚିତ୍ରର ଶୁଟିଂ ଦିଲ୍ଲୀର ଗୁର୍‌ଗାଓଁରେ ହେଉଥିଲା। ଏହି ସମୟରେ ଜୁଲିଆ ପିନ୍ଧିଥିଲେ ଶାଢ଼ି। ଗୁଜରାଟି ଷ୍ଟାଇଲ୍‌ରେ ସିଲ୍କ ବର୍ଡର ଥିବା ବଟଲ୍ ଗ୍ରୀନ୍ ଶାଢ଼ି ଜୁଲିଆ ପିନ୍ଧିଥିଲେ।

**ଲେଡି ଗାଗା**– ଗ୍ରାଣ୍ଡ ପ୍ରିକ୍ସର ଉନ୍ମୋଚନ ପାଇଁ ଲେଡି ଗାଗା ଭାରତ ଆସିଥିବା ସମୟରେ ତରୁନ ତେହଲିୟାନିଙ୍କ ଶାଢ଼ି ପିନ୍ଧିଥିଲେ।



ଲେଡି ଗାଗା



ଭିକ୍ଟୋରିଆ ବେକହାମ୍



ମାଡୋନା

**ବାଡ଼! କଣ୍ଟା ବାଉଁଶ, ଶିଝୁ, କିଆ କିମ୍ବା ତାରଜାଲିରେ ପ୍ରସ୍ତୁତ ଗୋଟିଏ ଗୋଟିଏ ଘେରା। ମାତ୍ର ଖୁବ୍ ସୂକ୍ଷ୍ମ ଭାବରେ ଦେଖିଲେ ବାଡ଼ର ମହତ୍ତ୍ୱ ସୁଦୂରପ୍ରସାରୀ। ମଣିଷକୁ ତା'ର ସୀମାବଦ୍ଧତା ସୂଚେଇଦେଇ ଏକ ସୁରକ୍ଷିତ ତଥା ଶୃଙ୍ଖଳିତ ଜୀବନ ଯାପନ କରିବାର ପଦ୍ଧତି ହେଉଛି ବାଡ଼...**





# ବାଡ଼







ବାଡ଼! ଏହି ଶବ୍ଦଟି ଉଚ୍ଚାରିତ ହେବା ମାତ୍ରେ ଆମ ଆଖି ସାମ୍ନାରେ ଭାସିଉଠେ କଣ୍ଟା ବାଉଁଶ, ଶିଝୁ, କିଆ କିମ୍ବା ତାରଜାଲିରେ ପ୍ରସ୍ତୁତ ଗୋଟିଏ ଗୋଟିଏ ଘେରା। ମାତ୍ର ଖୁବ୍ ସୂକ୍ଷ୍ମ ଭାବରେ ଦେଖିଲେ ବାଡ଼ର ମହତ୍ତ୍ୱ ସୁଦୂରପ୍ରସାରୀ। ମଣିଷକୁ ତା'ର ସୀମାବଦ୍ଧତା ସୂଚେଇଦେଇ ଏକ ସୁରକ୍ଷିତ ତଥା ଶୃଙ୍ଖଳିତ ଜୀବନ ଯାପନ କରିବାର ପଦ୍ଧତି ହେଉଛି ବାଡ଼। ବାଡ଼ର ଆବଶ୍ୟକତା କେବେଠୁ ସୃଷ୍ଟିହେଲା, କିଏ ପ୍ରଥମେ ବାଡ଼ ବସେଇବା କଥା ଚିନ୍ତାକଲା ଆଦି ପ୍ରଶ୍ନର ଉତ୍ତର ଖୋଜିଲେ ମିଳେନାହିଁ। ତେବେ ଏକଥା କୁହାଯାଇପାରିବ ଯେ, ମଣିଷ ଯେତେବେଳେ ଆଦିମ ଜୀବନକୁ ପଛରେ ଛାଡ଼ି ନିଜକୁ ସାମାଜିକ ପ୍ରାଣୀରେ ପରିଣତ କଲା, ଏକ ଶୃଙ୍ଖଳିତ ଜୀବନଯାପନ କରିବାର ଆଶା ପୋଷଣ କଲା ପୁଣି ଯେତେବେଳେ ତା' ଭିତରେ ନିଜର ଧନ, ଜୀବନ, ସମ୍ପତ୍ତି ସୁରକ୍ଷାର ପ୍ରଶ୍ନ ସୃଷ୍ଟି ହେଲା ସେବେଠୁ ମଣିଷ ସମାଜରେ ସୃଷ୍ଟିହେଲା ବାଡ଼। ଗ୍ରାମ୍ୟ ଜୀବନ ହେଉ କି ସହରୀ ଜୀବନ, ବ୍ୟକ୍ତି ହେଉକି ଗୋଷ୍ଠୀ ଏହି ବାଡ଼ର ଆବଶ୍ୟକତା ଯେ, ଏକାନ୍ତ ଅନିବାର୍ଯ୍ୟ ସେକଥା ହଲପ କରି କୁହାଯାଇ ପାରିବ। ଘର, ଜାଗା ଅବା ଜମି ପାଇଁ ଆବଶ୍ୟକ ବାଡ଼। ଜମିର ସୀମା ନିର୍ଦ୍ଧାରଣ ତଥା ଏହାର ସୁରକ୍ଷା ଓ ସୌନ୍ଦର୍ଯ୍ୟ ନିମନ୍ତେ ଆବଶ୍ୟକ ବାଡ଼। ବୁଲା ଗୋରୁ, ଚୋର ଓ ଅନ୍ୟମାନଙ୍କର ଅବାଧ ଅନୁପ୍ରବେଶକୁ ରୋକିଥାଏ ବାଡ଼। ଘର ଆଗରେ ବାଡ଼ ଅବା ପାଚେରି ବାସ୍ତୁ ଦୃଷ୍ଟିରୁ ବେଶ୍ ଗୁରୁତ୍ୱ ବହନ କରିଥାଏ। ରାମାୟଣରେ ଲକ୍ଷ୍ମଣ ସୀତାଙ୍କୁ ଜଙ୍ଗଲରେ ଏକୁଟିଆ କୁଟୀର ମଧ୍ୟରେ ଛାଡ଼ି ବଡ଼ଭାଇ ରାମଚନ୍ଦ୍ରଙ୍କ ସନ୍ଧାନରେ ଗଲାବେଳେ ନିଜ ତୀରରେ ତିନୋଟି ଗାର କାଟିଦେବା ଅଦୃଶ୍ୟ ବାଡ଼ ବା ପାଚେରିର ସୁରକ୍ଷା ବଳୟକୁ ନିର୍ଦ୍ଦେଶ କରିଥାଏ। ଶିଝୁ ବାଡ଼ରେ ବସିଥିବା କଙ୍କିକୁ ଧରିବାର କୌତୂହଳ ପ୍ରାୟ ପ୍ରତ୍ୟେକଙ୍କ ଶୈଶବକୁ ଆଚ୍ଛନ୍ନ କରିଥିବ। କଣ୍ଟାବାଡ଼ରେ ହର ରଙ୍ଗୀ ଏଣ୍ଡୁଅକୁ ଦେଖି 'ମେଘ ହେବ କି ନା' ବୋଲି ପ୍ରଶ୍ନ କରିବାର ସୁଯୋଗ କିଏ ବା ପିଲା ବେଳେ ମିସ୍ କରିଥିବ। ସେହିଭଳି ବାଡ଼କୁ ନେଇ ଗାଁ ଗହଳିରେ ଅନେକ ରୁଢ଼ି ପ୍ରଚଳିତ। ଯେମିତିକି ବାଡ଼ ଫସଲ ଖାଇବା, ମୁହଁରେ ବାଡ଼ବତା ନ ରହିବା, କଣ୍ଟାବାଡ଼ରେ ଲୁଗା ପକାଇ କଳି କରିବା ଇତ୍ୟାଦି। ବାଡ଼କୁ ନେଇ ଇଂରାଜୀରେ ରହିଛି ଏକ ସୁନ୍ଦର କଥନିକା : ଗୁଡ୍ ଫେନ୍ସେସ୍ ମେକ୍ସ ଗୁଡ୍ ନେବର। ଅର୍ଥାତ୍ ମଜଭୁତ ବାଡ଼ ହିଁ ଉତ୍ତମ ପଡ଼ୋଶୀ ସୃଷ୍ଟି କରିଥାଏ।

**ପ୍ରାଚୀନ ପରମ୍ପରା :** ବାଡ଼ ବୁଜିବା ଏକ ପ୍ରାଚୀନ ପରମ୍ପରା ; ଯାହା ଉଭୟ ପ୍ରାଚ୍ୟ ଓ ପାଶ୍ଚାତ୍ୟ ଦେଶରେ ରହିଛି। The Lake Isle of Innisfree କବିତାରେ କବି ଉଇଲିୟମ ବଟ୍‌ଲର ଇଟ୍‌ସ ତାଙ୍କ ଇପସିତ୍ ଘର ଆଗରେ ଗୋଟିଏ ଧାଡ଼ିରେ ନଅଟି ବିନ୍ ଖୁଣ୍ଟ ପୋତି ବାଡ଼ଟିଏ କରିବାକୁ ଇଚ୍ଛା ପ୍ରକଟ କରିଛନ୍ତି। ତେଣୁ ବାଡ଼ର ପରମ୍ପରା ପୁରୁଷ ପୁରୁଷ ଧରି ଚଳି ଆସୁଛି। ଆବଶ୍ୟକତାକୁ ଦେଖି ବାଡ଼ ବୁଜିବାରେ କେତେକ ସ୍ଥାନରେ ଆଧୁନିକତାର ସ୍ପର୍ଶ ଦିଆଯାଇଛି। ବାଡ଼ ସାଧାରଣତଃ ଦୁଇ ପ୍ରକାରର। ଗୋଟିଏ ଲଗା ବା ସ୍ଥାୟୀ ବାଡ଼। ଅନ୍ୟଟି ଅସ୍ଥାୟୀ ବାଡ଼। ଭାରତ ଏକ କୃଷି ପ୍ରଧାନ ଦେଶ ହୋଇଥିବା ବେଳେ ଫସଲ କିଆରି ଚାରିପଟେ ବାଡ଼ ଫସଲ ହାନିରୁ ରକ୍ଷା କରିବା ସହିତ ଭଲ ଅମଳରେ ମଧ୍ୟ ସହାୟକ ହୋଇଥାଏ। କୃଷି କ୍ଷେତ୍ରରେ ବ୍ୟବହୃତ ହେଉଥିବା ବାଡ଼ର ଉଚ୍ଚତା ସାଧାରଣତଃ ୪ଫୁଟ୍‌ରୁ ୬ଫୁଟ୍ ମଧ୍ୟରେ ହୋଇଥାଏ। ବାଡ଼କୁ ନିୟମିତ ବ୍ୟବଧାନରେ ମରାମତି କଲେ ଏହା ଅଧିକ ସୁରକ୍ଷା ଦିଏ।

**ମାଟିର ପାଚେରି ଓ ଗଡ଼ଖାଇ :** ମାଟିରେ ତିଆରି ବାଡ଼କୁ ପହି କୁହାଯାଏ। ଖୋଲା ଚାଷ କିଆରି ଓ ପାହିଘର ଚାରିପଟେ ପହି ବୁଲାଯାଇଥାଏ। ବାଂଲାଦେଶୀ ଶରଣାର୍ଥୀଙ୍କ ବସତିରେ ଏହା ଅଧିକ ଦେଖାଯାଏ। ବର୍ଷାପାଣିର ସୁଅରେ ଉଚ୍ଚାସ୍ଥାନରୁ ମାଟି ଧୋଇଯିବାର ସମ୍ଭାବନା ଅଧିକ ଥାଏ। ସେଠାରେ ସୁରକ୍ଷା ସାଙ୍ଗକୁ ମୃତ୍ତିକା ସଂରକ୍ଷଣ ପାଇଁ ମାଟିରେ ଏକ ପାଚେରି ତିଆରି ହୋଇଥାଏ। ବର୍ଷରେ ଥରେ ଏହି ପହିକୁ ଟେକିବାକୁ ହୁଏ। ମାଟିକୁ ଭେଦାଇ କୋଦାଳରେ ଚେକା କାଟି ପହି ତିଆରି କରାଯାଏ। ତାକୁ ଓଦା କଳାମାଟିରେ ଲିପି ପୋଛି ସମତୁଲ କରାଯାଇଥାଏ। ପ୍ରତିବର୍ଷ ପହିକୁ ମାଟି ଟେକିବା ଦ୍ୱାରା ପହି ତଳେ ସୃଷ୍ଟି ହୋଇଥିବା ଖାଲରେ ପାଣି ଜମି ଏହା ଗଡ଼ଖାଇ ପରି କାମ ଦେଇଥାଏ। ବର୍ଷାପାଣିର ସୁଅ ଓ ଗୋରୁଙ୍କ ଶିଙ୍ଗରେ ପହି ନଷ୍ଟ ହୋଇଥାଏ।

**ସିମେଣ୍ଟ ଖୁଣ୍ଟ – ତାରବାଡ଼ ଓ ଗ୍ରୀଲ୍ :** କିଆ, ଅନଳ, ପିଞ୍ଛା, କଣ୍ଟି, କାନକୋଳି, ବିଲ କଳମ, ଅମରଜଡ଼ା ପ୍ରଭୃତି ଗଛକୁ ଲଗାଇ ସ୍ଥାୟୀ ବାଡ ପ୍ରସ୍ତୁତ କରାଯାଏ। ଅସ୍ଥାୟୀ ବାଡ଼ରେ ମୁଖ୍ୟତଃ ବାଉଁଶ, ବାଉଁଶ କଣି, ଅଗିଲା ଓ ଝଟାଲଟା ଲାଗିଥାଏ। ସମୟ ବଦଳିଛି। ବାଡ଼ ତିଆରିରେ ବ୍ୟବହୃତ ପଦାର୍ଥରେ ପରିବର୍ତ୍ତନ ଆସିଛି। ତାରବାଡ଼ ପାଇଁ ସିମେଣ୍ଟ ଅବା ଲୁହାଖୁଣ୍ଟରେ ତାରକୁ ଗୁଡ଼ାଇବାକୁ

→





ଭଜଗୋବିନ୍ଦ ସେଠୀ

**ଭ**ଦ୍ରକ ଜିଲା ଚାନ୍ଦବାଲି ବ୍ଲକର ଚଷାଖଣ୍ଡ ଗାଁର ଭଜଗୋବିନ୍ଦ ସେଠୀ(୮୪) କୁହନ୍ତି ଘରଛପର ପରି ପ୍ରତିବର୍ଷ ବାଡକୁ ମରାମତି କରିବାକୁ ହୋଇଥାଏ । ଖରାବର୍ଷା, ଗୋରୁଗାଈ ଭାଙ୍ଗିବା ସାଙ୍ଗକୁ ଉଇ ବାଡରେ ଲାଗି ଏହାକୁ ଦୁର୍ବଳ ଓ ନଷ୍ଟ କରି ଥାଆନ୍ତି । ନଷ୍ଟ ହୋଇଥିବା ପୋତାଳ ସ୍ଥାନରେ ନୂଆ ଲଗାଇବାକୁ ହୋଇଥାଏ । ବତା ଓ ଗଣ୍ଠି ମଧ୍ୟ ବଦଳାଇବାକୁ ପଡେ ।

**ଚା**ନ୍ଦବାଲି ବ୍ଲକର ବଡସିଂହପୁର ଗାଁର ଭାସ୍କର ବେରା କୁହନ୍ତି ଖରାଦିନରେ ଗୋରୁଗାଈମାନଙ୍କ ଦାଉରୁ ଫସଲର ସୁରକ୍ଷା ପାଇଁ ଜମି ଚାରିପଟେ ବାଡ ବଦଳରେ ପହି ଟେକିବାକୁ ହୋଇଥାଏ । ଏଥିପାଇଁ ଅଧିକ ପରିଶ୍ରମ ଓ ମଜୁରୀ ଲାଗେ । ପହିର ଉଚ୍ଚତା ୪ଫୁଟରୁ ୫ଫୁଟ୍ ମଧ୍ୟରେ ହୋଇଥାଏ । ପ୍ରତିବର୍ଷ ଏହାକୁ ମରାମତି କରିବାକୁ ପଡେ । ଧାନ ଅମଳ ପରେ ପାଖ କିଆରିରୁ ଓଦା ମାଟିର ଚେକାକାଟି ପହି ତିଆରି ହୁଏ । ଏହାକୁ ପରେ ଲିପି ସମତୁଲ କରାଯାଏ ।



ଭାସ୍କର ବେରା


ପରିବା କିଆରି, ଘରବାରିରେ ପଶି କ୍ଷତି କରିଥାଆନ୍ତି । ଫସଲର ସୁରକ୍ଷା ପାଇଁ ଚାଷୀ ବାଡ଼ ବୁଜିଥାଏ । ଧାନ ଅମଳ ଶେଷ ହେତୁ ବାଡ଼ ବୁଜିବାକୁ ଶ୍ରମିକ ମିଳିବାରେ ସମସ୍ୟା ହୋଇ ନ ଥାଏ ।

**ବାଡ଼ ଓ ବାସ୍ତୁ :** ନୂଆ ଜାଗାଟିଏ କିଣି ଘର ତିଆରି କରିବା ପୂର୍ବରୁ ଏହା ଚାରିପଟେ ପାଚେରି ବୁଲାଇବାର ବିଧି ରହିଛି । ଏହା ଜମିର ସୀମାକୁ ଚିହ୍ନଟ କରିବା ସହ ଅଧିକ ସୁରକ୍ଷା ଦେଇଥାଏ । ପାଚେରି ନିର୍ମାଣ ସମ୍ଭବ ନ ହେଲେ ଅନ୍ତତଃ ବାଡ଼ ବୁଲାଯାଇ ଜାଗାକୁ ଆବଦ୍ଧ କରାଯାଇପାରେ । ପାଚେରି ଦୃଢ଼ ରହିଲେ ଏହା ନକାରାତ୍ମକ ଶକ୍ତିକୁ ଗୃହରେ ପ୍ରବେଶରେ ବାଧା ଦେଇଥାଏ । ସାଧାରଣତଃ ପଥର କିମ୍ବା ଇଟାରେ ପାଚେରି ନିର୍ମାଣ ହେବା ବିଧେୟ । ବାସ୍ତୁବିତ୍‌ଙ୍କ ପରାମର୍ଶକ୍ରମେ ଏଥିରେ ମୁଖ୍ୟ ଗେଟ୍ ଲଗାଇବା ଉଚିତ ।

**ଯେତେ ଭାଇ ସେତେ ଘର :** ବାଡ଼ ବସିବା ସାଧାରଣତଃ ଭିନ୍ନ ବା ପୃଥକ୍ ହେବାକୁ ବୁଝାଏ । ଗ୍ରାମ୍ୟ ଚଳଣିରେ ଏକାନ୍ନବର୍ତ୍ତୀ ପରିବାରରେ ହୋଇଥାଏ । କେତେକ ଅଞ୍ଚଳରେ ଲାଗୁଛି ଲୁହାଗ୍ରୀଲ୍ । ଏହା ଅପେକ୍ଷାକୃତ ଶକ୍ତ ହେବା ସହିତ ବୁଲାଗୋରୁ ଓ ଚୋରଙ୍କ ଦାଉରୁ ମଧ୍ୟ ରକ୍ଷା କରିଥାଏ ।

**ବର୍ଷକର ଆୟୁଷ :** ଅସ୍ଥାୟୀ ବାଡ଼ର ଆୟୁଷ ପ୍ରାୟ ଗୋଟିଏ ବର୍ଷ । ବାଉଁଶ ଓ ବିଭିନ୍ନ ଗଛର ଡାଳକୁ ମାଟିରେ ପୋତି ଏହା ସହିତ ବାଉଁଶକୁ ଚିରି ବତାରେ ବନ୍ଧା ଯାଇଥାଏ । ଦୁଇଟି ବତାକୁ ନେଇ ମୁଠିକିଆ ଅବା ଗୋଟିକିଆ ବାନ୍ଧିବାକୁ ହୁଏ । ପୂର୍ବରୁ ବାଡ଼ ବାନ୍ଧିବାକୁ ଗଣ୍ଠି ଲୋଡ଼ା ହେଉଥିଲା । ପାଳଗଣ୍ଠି, ଗୁବେଇ, ନଡ଼ିଆକତା ରଶି, କିଆଚେର, ଝୋଟ ଦଉଡ଼ିରେ ବାଡ଼ ବନ୍ଧାଯାଉଥିଲା । ଏବେ ଏହାର ସ୍ଥାନରେ ପ୍ଲାଷ୍ଟିକ ସୁତୁଲି ଅବା ଜିଆଇ ଓ ଆଲୁମିନିୟମ ତାର ବ୍ୟବହାର ହେଉଛି । ବାଡ଼ ବାନ୍ଧିବାକୁ ଚାଷୀକୁ ରୀତିମତ ପ୍ରସ୍ତୁତ ହେବାକୁ ପଡ଼େ । ନିଜ ବାଡ଼ିବଗିଚାରୁ ଗଛଡାଳ କାଟିବା, ବାଉଁଶ ଚିରି ବତା ତିଆରି କରିବା, ଗଣ୍ଠି ଯୋଗାଡ଼ କରିବା ଆଦି । ବାଡ଼ ବୁଜିବା ପାଇଁ ଅନ୍ତତଃ ଦୁଇଜଣ ଲୋକଙ୍କର ଆବଶ୍ୟକତା ପଡ଼ିଥାଏ ।

**ସୀମା ସୁରକ୍ଷାରେ ବାଡ଼ :** ଏଲ୍‌ଓସିକୁ ହିସାବକୁ ନେଲେ ଭାରତ ଓ ପଡ଼ୋଶୀ ପାକିସ୍ତାନ ମଧ୍ୟରେ ଲମ୍ବିଛି ଏକ ସୁଦୀର୍ଘ ସୀମାରେଖା । ଏହାକୁ ବିଭିନ୍ନ ଅଞ୍ଚଳ ବା ସେକ୍ଟରରେ ବିଭକ୍ତ କରାଯାଇଛି । ଏହା ମଧ୍ୟରେ ରହିଛି ଗୁଜରାଟ, ରାଜସ୍ଥାନ, ପଞ୍ଜାବ ଓ ଜାମ୍ମୁ-କାଶ୍ମୀର ରାଜ୍ୟ । ଅଶାନ୍ତ ସୀମାରେ ସୁରକ୍ଷା ପାଇଁ ତିନିସ୍ତରୀୟ ତାରବାଡ଼, ବିଦ୍ୟୁତ୍ ବାଡ଼ ଓ ଉଜ୍ଜ୍ୱଳ ଆଲୋକ ବ୍ୟବସ୍ଥା ହୋଇଛି । ବରଫପାତ କାରଣରୁ କେତେକ ତାରବାଡ଼ କ୍ଷତିଗ୍ରସ୍ତ ହୋଇଥିବା ବେଳେ କେତେକ ସ୍ଥାନରେ ଅନୁପ୍ରବେଶକାରୀ ଓ ଉଗ୍ରପନ୍ଥୀମାନେ ଏହାକୁ କାଟି ଅନୁପ୍ରବେଶ କରୁଛନ୍ତି ।







**ହାତୀଙ୍କ ପାଇଁ ସୌରବାଡ଼ :** ୧୯୫୦ ମସିହା ପରଠାରୁ ବିଦ୍ୟୁତ୍ ବାଡ଼ର ବ୍ୟବହାର ଆରମ୍ଭ ହୋଇଛି । ସୌରବାଡ଼ ଏକ ପ୍ରକାର ବିଦ୍ୟୁତ୍ ବାଡ଼ । ଦୁର୍ଗମ ଅଞ୍ଚଳରେ, ଜଙ୍ଗଲରେ ଅବା କୃଷିକ୍ଷେତ୍ରରେ ପ୍ରବେଶ କରୁଥିବା ପ୍ରାଣୀମାନେ ଏଠାରେ ଲାଗିଥିବା ଜୀବନ୍ତ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଏକ ବିଦ୍ୟୁତ୍ ଝଟକା ପାଆନ୍ତି । ଏହି ବିଦ୍ୟୁତ୍ ଆଘାତ ଦ୍ୱାରା ସମ୍ପୃକ୍ତ ପ୍ରାଣୀର ବିଶେଷ କ୍ଷତି ନ ହେଲେ ମଧ୍ୟ ତା' ମନରେ ଏଥିପ୍ରତି ସତର୍କତା ସୃଷ୍ଟି ହୋଇଥାଏ । ସୌରକୋଷ ଓ ସୌର ପ୍ୟାନେଲରୁ ବାଡ଼କୁ ବିଦ୍ୟୁତ୍ ଶକ୍ତି ମିଳିବା ସହିତ ବ୍ୟାଟେରିକୁ ଚାର୍ଜ କରିଥାଏ । ଜଙ୍ଗଲରେ ମୁଖ୍ୟତଃ ହାତୀମାନଙ୍କ ପାଇଁ ଏପରି ବାଡ଼ ବା କରିଡର କରିବାକୁ ପଡ଼ିଥାଏ । ଫଳରେ ସେମାନେ ଗାଁ ଅବା ଜନପଦକୁ ମାଡ଼ି ଆସିବା ସମ୍ଭାବନା କମ୍ ରହିଥାଏ । ଆମ ରାଜ୍ୟର କେତେକ ଅଭୟାରଣ୍ୟରେ ସୌରବାଡ଼ର ଉପଯୋଗ କରାଯାଇଛି ।

**ଗୁଳ୍ମ ଅବା ଲତାର ବାଡ଼ :** ବାଡ଼ ସୌନ୍ଦର୍ଯ୍ୟର ପ୍ରତୀକ ହୋଇଥାଏ । ଘର ଚାରିପଟେ ବା ପାଚେରି କଡ଼ରେ କେତେକ ଅପୁଷ୍ପକ ଗୁଳ୍ମ (ହେଜ) ଅବା ଲତା ଲଗାଇ ସ୍ଥାୟୀ ବାଡ଼ ମଧ୍ୟ ନିର୍ମାଣ କରାଯାଉଛି । ଏହା ହଳଦିଆ, ଶାଗୁଆ ଓ ଲାଲ ରଙ୍ଗର । ଏହାର ମଞ୍ଜି ଅବା ଡାଳକୁ ଘର ଚାରିପଟେ ଲଗାଇଲେ ଏହା ବାଡ଼ ପରି ହୋଇଥାଏ । ଏହାକୁ ଭେଦକରି ବା ଡେଇଁ ଗୋରୁ ପଶିପାରନ୍ତି ନାହିଁ । ସହରାଞ୍ଚଳରେ ଏହାର ଆଦର ରହିଛି । ଘର ଚାରିପଟେ, ବିଭିନ୍ନ ଦେବାଳୟ, ପାର୍କ ଓ ପର୍ଯ୍ୟଟନ ସ୍ଥଳରେ ଏହା ଲଗାଯିବା ସହିତ ନିୟମିତ କାଟି ପଶୁପକ୍ଷୀ ଓ ଏକ ସ୍ୱତନ୍ତ୍ର ଆକୃତି ମଧ୍ୟ ଦେଇ ହେଉଛି ।

**ଅସ୍ଥାୟୀ ଜାଲ ବାଡ଼ :** ଏବେ ଗ୍ରାମାଞ୍ଚଳରେ ଏହି ପ୍ଲାଷ୍ଟିକ ବା ନାଇଲନ ସୂତାରୁ ତିଆରି ଜାଲବାଡ଼ର ଆଦର ବଢିଛି । ଏହାର ଆୟୁଷ ପ୍ରାୟ ୩ବର୍ଷ ରହୁଛି । ଘର ଅବା ଫସଲ କିଆରି ଚାରିପଟେ କେଇଖଣ୍ଡ ପୋତାଳ ବା ଖୁଣ୍ଟ ପୋତି ତହିଁରେ ବଡ଼ ଫାଶ ବିଶିଷ୍ଟ ଜାଲକୁ ଘେରାଇବାକୁ ହୋଇଥାଏ । ଏଥିପାଇଁ ନୂଆ ଅବା ପୁରୁଣା ଜାଲ ମଧ୍ୟ ବ୍ୟବହାର କରାଯାଏ । ଏହି ଜାଲ କିଲୋପ୍ରତି ୨ଶହ ୫୦ରୁ ୩ଶହ ଟଙ୍କାରେ ମିଳୁଛି । ଜାଲ ବର୍ଷା ପାଣିରେ ନଷ୍ଟ ହୋଇ ନ ଥାଏ । ଆବଶ୍ୟକ ପଡ଼ିଲେ ଜାଲକୁ ଖୋଲି ଅନ୍ୟତ୍ର ନେଇ ମଧ୍ୟ ବ୍ୟବହାର କରାଯାଏ । ଜାଲର ବାଡ଼ ଦ୍ୱାରା ବୁଲା ଗୋରୁ, ଷଣ୍ଢ, ଛେଳି, ମେଣ୍ଢାଙ୍କ ଦାଉରୁ ଫସଲ କିଆରିକୁ ରକ୍ଷା କରିବା ସମ୍ଭବ ହୋଇଥାଏ ।

**ବାଡ଼ ଓ ପାଳଭୂତ :** ଫସଲ କିଆରିରେ ବୁଲା ଗୋରୁ ନ ପଶିବା ପାଇଁ ଚାରିପଟେ ବାଡ଼ ଲଗାଯାଉଥିବା ବେଳେ ଚଢ଼େଇ ଓ ବୁଲାଗୋରୁଙ୍କୁ ଘଉଡ଼ାଇବା ପାଇଁ କିଆରିରେ ଲଗାଯାଇଥାଏ ପାଳଭୂତ । ବାଡ଼ ଆଉ ପାଳଭୂତର କାମ ଏକ । କିନ୍ତୁ ଜଗିବା ସ୍ଥାନ ଭିନ୍ନ । ଗାଁ ପରିବେଶରେ ଘରପାଖ ବାଡ଼ରେ ପୋଇ, ପାଣିକଖାରୁ, ଲାଉ, କଲରା, ସଲରା, ଜହ୍ନି, ଖମ୍ବଆଳୁ ସାଙ୍ଗକୁ ଅପରାଜିତା ଫୁଲ ଲତା ମାଡ଼ିଥାଏ । ବାଉଁଶ ଓ ଏହାର କଣିରୁ ପ୍ରସ୍ତୁତ ତାଟି ଉପରେ ଏମାନେ ଲଟେଇ ଥାଆନ୍ତି । ଜମିଜମାର ମାପ ବେଳେ ଜମିର ସୀମା ଅବା ମେଢ ନିର୍ଦ୍ଧାରଣରେ ସ୍ଥାୟୀ ଓ ଲଗାବାଡର ଗୁରୁତ୍ୱ ରହିଛି ।

**ମକର ସଂକ୍ରାନ୍ତିରୁ ରଜସଂକ୍ରାନ୍ତି :** ଗୋରୁ କୃଷକର ମିତ୍ର ହୋଇଥିଲେ ମଧ୍ୟ ଏହା ଖୋଲା ରହିଲେ ଚାଷୀର ଫସଲକୁ ଅନିଷ୍ଟ କରିଥାଆନ୍ତି । ଖରିଫଋତୁରେ ଗୋରୁ ଅଟକ ପାଇଁ ଗ୍ରାମାଞ୍ଚଳରେ ପହିଲି ଆଷାଢ଼ର ରଜ ସଂକ୍ରାନ୍ତି ଠାରୁ ଗୋରୁପାଳି ଆରମ୍ଭ ହୁଏ । ଜମିରୁ ଧାନ ଅମଳ ଶେଷହେଲେ ପ୍ରତିବର୍ଷ ମକର ସଂକ୍ରାନ୍ତି ପରଠାରୁ ଗୋରୁ ଫିଟା ହୋଇ ଖୋଲା ବୁଲନ୍ତି । ଏହି ସମୟରେ ବୁଲାଗୋରୁ ରବିଋତୁରେ ହେଉଥିବା ପରିବା କିଆରି, ଘରବାରିରେ ପଶି କ୍ଷତି କରିଥାଆନ୍ତି ।

ଏହା ଏକ କରୁଣ ଦୃଶ୍ୟ । ମନାନ୍ତରରୁ ସମ୍ପର୍କରେ ଫାଟ ସୃଷ୍ଟି ହୁଏ । ପୂର୍ଣ୍ଣଚ୍ଛେଦ ପଡ଼େ ସବୁ ଭାବ ନାବରେ । ସେତେବେଳେ ଘର, ଜମି, ଅଗଣା ସବୁଥିରେ ବାଡ଼ ପଡ଼ିବା ସହ ଗୋଟିଏ ଛାତ ତଳେ ଜଳେ ପୃଥକ୍ ଚୁଲି । ଭଦ୍ରଲୋକ, ନ୍ୟାୟ ନିଶାପ, ମାଲି ମକଦ୍ଦମା, ଥାନା ପୋଲିସ, କଚେରି ଯାଏ କଥା ବଢ଼ିଯାଏ । ବିବାହ ପରେ ଭାଇ ଭାଇଠାରୁ ଭିନ୍ନ ହୋଇଯିବା ଆମ ସମାଜରେ ଅଧିକ ଦେଖାଯାଉଛି । ସେତେବେଳେ ପରିଣତ ବୟସରେ ମାଆ ବାପାଙ୍କୁ ପୁଅମାନଙ୍କ ପାଳି ଆଉ ବୋହୂଙ୍କ ହାତଟେକାରେ ବଞ୍ଚିବାକୁ ହୁଏ ।


ଶେଷରେ ଏତିକି କୁହାଯାଇପାରିବ ଯେ, ବାଡ଼ କେବଳ ଗୋଟିଏ ଆବଶ୍ୟକତା ହୋଇ ରହିନାହିଁ; ଜନଜୀବନ, ଚଳଣି ପରମ୍ପରା ସହିତ ସାହିତ୍ୟ ସଂସ୍କୃତିରେ ମଧ୍ୟ ବାଡ଼କୁ ସାମିଲ କରାଯାଇଛି ।

**-ଅଶୋକ କୁମାର ପଣ୍ଡା**

# ମିଥ୍ ଲେଖିକା




ଭାରତ ଭୂଖଣ୍ଡରେ ଲେଖକ ହେଉଥିବା ବ୍ୟକ୍ତି ବିଶେଷଙ୍କ ପାଇଁ ଗୋଟିଏ ସୁବିଧା ହେଉଛି ସେମାନଙ୍କ ନିକଟରେ ରହିଛି ଦୁଇଟି ସର୍ବକାଳୀନ ଲୋକପ୍ରିୟ ଗ୍ରନ୍ଥ – ରାମାୟଣ ଓ ମହାଭାରତ। ଏହି ଦୁଇ ଗ୍ରନ୍ଥର କାହାଣୀ ଭାରତୀୟ ତଥା ବିଶ୍ୱର ଜନଜୀବନକୁ ଏଭଳି ଭାବରେ ଆଚ୍ଛନ୍ନ କରି ରଖିଛି ଯେ ତାହାକୁ ଯେଉଁ ପ୍ରକାର ଲେଖିଲେ ସୁଦ୍ଧା ତାହାର ଲୋକପ୍ରିୟତା ବଢୁଛି ସିନା କମୁନାହିଁ। ମହାଭାରତୀୟ କାହାଣୀମାଳାକୁ ଆଧୁନିକତାର ସ୍ପର୍ଶଦେଇ ଲେଖକ ଲେଖିକାମାନେ ସେମାନଙ୍କର କଲମ ଚଳାଇବା ଆରମ୍ଭ କରି ସାରିଛନ୍ତି। ସେମାନଙ୍କ ମଧ୍ୟରେ ଜଣେ ଲେଖିକା ହେଉଛନ୍ତି କ୍ରିଷ୍ଣା ଉଦୟଶଙ୍କର। ବୃତ୍ତିରେ ଜଣେ ଅଧ୍ୟାପିକା କ୍ରିଷ୍ଣାଙ୍କର ବହିଗୁଡ଼ିକ ମଧ୍ୟରେ ରହିଛି ଗୋବିନ୍ଦା, କୌରବା, କୁରୁକ୍ଷେତ୍ର ଏବଂ ଆହୁରି ଅନେକ।




**ସଫଳତା :** ବାଙ୍ଗାଲୋରର ଏକ ତାମିଲ ଭାଷୀ ପରିବାରରେ ଜନ୍ମ ହୋଇଥିଲେ କ୍ରିଷ୍ଣା। ନ୍ୟାଶନାଲ ଲ' ସ୍କୁଲ ଅଫ୍ ଇଣ୍ଡିଆ ୟୁନିଭର୍ସିଟିରୁ ସ୍ନାତକ ଡିଗ୍ରୀ ହାସଲ କରିଥିଲେ। ସିଙ୍ଗାପୁରସ୍ଥିତ ନାନ୍ୟାଙ୍ଗ୍ ବିଜ୍‌ନେସ୍ ସ୍କୁଲରୁ ପିଏଚ୍.ଡି. ଡିଗ୍ରୀ ଧାରଣ କରିବା ସହିତ ସେଠାରେ ସେ ସମ୍ପ୍ରତି ଅଧ୍ୟାପନାରତ। ପ୍ରଥମ ଉପନ୍ୟାସ 'ଗୋବିନ୍ଦା' କ୍ରିଷ୍ଣାଙ୍କୁ ସଫଳତା ଆଣିଦେଇଥିଲା। ପୁରାଣ ଏବଂ କଳ୍ପନାର ମିଶ୍ରଣ କରିବାରେ କ୍ରିଷ୍ଣା ସଫଳ ବୋଲି ସାହିତ୍ୟ ସମାଲୋଚକମାନେ ମତବ୍ୟକ୍ତ କରିଥିଲେ।




**କବିରୁ ଔପନ୍ୟାସିକା :** ପ୍ରଥମେ ସାହିତ୍ୟକୁ ନେଇ ସେ ଆଦୌ ଗମ୍ଭୀର ନ ଥିଲେ। ତେବେ ଜଣେ କବି ହେବାକୁ ସେ ଇଚ୍ଛା କରୁଥିଲେ। ଆଉ କବିତା ଲେଖିବା ଆରମ୍ଭ କରିଥିଲେ। ମାତ୍ର ସମୟ ତାଙ୍କୁ ଦେଇଛି ଔପନ୍ୟାସିକାର ପରିଚୟ। ତେବେ ସେ କବିତା ଲେଖା ଛାଡ଼ି ନାହାନ୍ତି। ଆଜି ବି କବିତା ଲେଖୁଛନ୍ତି। ମାତ୍ର ଗଦ୍ୟ ରଚନା ତାଙ୍କ ପାଇଁ ନିଶା ପାଲଟିଯାଇଛି।

**ଭାରତୀୟ ସାହିତ୍ୟ ଓ ମିଥ୍ :** ମିଥ୍‌କୁ ବାଦ୍ ଦେଇ ସାହିତ୍ୟ ରଚନା କରିବା ଭାରତୀୟ ସାହିତ୍ୟିକଙ୍କ ପାଇଁ କେବେ ବି ସମ୍ଭବ ହୋଇନାହିଁ କିମ୍ବା ଭବିଷ୍ୟତରେ ମଧ୍ୟ ହେବନାହିଁ। କାରଣ ସେମାନଙ୍କର ଶୈଶବ, କୈଶୋର ଓ ଯୌବନ ପୁରାଣର ଗପ ତଥା ନୀତିବାଣୀକୁ ଶୁଣିଶୁଣି ପରିପୁଷ୍ଟ ହୋଇଛି ବୋଲି କ୍ରିଷ୍ଣା ସ୍ପଷ୍ଟ ମତ ଦିଅନ୍ତି। ପ୍ରଥମ ଉପନ୍ୟାସ 'ଗୋବିନ୍ଦା' ଲେଖିବା ପଛରେ ତାଙ୍କ ବାପାଙ୍କ ହାତ ରହିଛି। ଏଇଥିପାଇଁ ଯେ ବାପା ହିଁ ପ୍ରଥମେ ତାଙ୍କୁ ମହାଭାରତର କାହାଣୀ ଶୁଣେଇଥିଲେ।

**ଗୋବିନ୍ଦା :** 'ଗୋବିନ୍ଦା' ହେଉଛି କ୍ରିଷ୍ଣା ଉଦୟଶଙ୍କରଙ୍କ ସର୍ବାଧିକ ବିକ୍ରି ହୋଇଥିବା ଉପନ୍ୟାସ। କ୍ରିଷ୍ଣାଙ୍କର ଏହା ମଧ୍ୟ ଡେବ୍ୟୁ ବା ସର୍ବପ୍ରଥମ ରଚନା। ଆର୍ଯ୍ୟାବର୍ତ୍ତ ସିରିଜ୍‌ରେ ଅନୁବନ୍ଧିତ ହେବା ପରେ କ୍ରିଷ୍ଣା ଏଭଳି ଏକ ଉପନ୍ୟାସ ଲେଖିବା ଆରମ୍ଭ କରିଥିଲେ। ପୁରାଣକୁ ଇତିହାସ ତଥା ଆଧୁନିକ ଜନଜୀବନ ସହିତ ଯୋଡ଼ି ଏକ ନୂଆ ତରିକାର ପୁସ୍ତକ ରଚନା କରିବା ଥିଲା କ୍ରିଷ୍ଣାଙ୍କ ଉଦ୍ଦେଶ୍ୟ। ତାହାର ଫଳଶ୍ରୁତି ସ୍ୱରୂପ ସୃଷ୍ଟି ହୋଇଥିଲା ଉପନ୍ୟାସ 'ଗୋବିନ୍ଦା'। ଅବଶ୍ୟ 'ଗୋବିନ୍ଦା' ଉପନ୍ୟାସର କାହାଣୀ ମହାଭାରତର କାହାଣୀ। ତେବେ ପୌରାଣିକ ଢଙ୍ଗରେ ସେ ମହାଭାରତର ମହାନାୟକ କୃଷ୍ଣଙ୍କ ଚରିତ୍ରକୁ ଚିତ୍ରଣ କରିନାହାନ୍ତି। ବର୍ତ୍ତମାନ ସମୟରେ କୃଷ୍ଣଙ୍କ ଭୂମିକା କ'ଣ ହେବ ତାହା ସେ ବର୍ଣ୍ଣନା କରିଛନ୍ତି।

'ଗୋବିନ୍ଦା' ବ୍ୟତୀତ ତାଙ୍କର ରହିଛି କୌରବା, କୁରୁକ୍ଷେତ୍ର, ଇମୋର୍ଟାଲ ଆଦି ଉପନ୍ୟାସ।





# ସନ୍ତ୍ରାସବାଦୀର ସନ୍ତାପ

– ଉମାଶଙ୍କର ପାଳ

ମୋତେ ଧର୍ମର ପେଗ୍ ପିଆଇବ କିଏ ଆସ
ଛଳନାର ତୁମ ହେବିନି ମୁଁ ଆଉ ବଶ
ଅଜ୍ଞତାକୁ ମୋର ଦେଖାଇ ସ୍ୱର୍ଗସପନ
ଦାରିଦ୍ର୍ୟକୁ ମୋର ଡଲାରରେ କିଣି
ହାତେ ଧରାଇଦେଲ କମାଣ ।

ଧର୍ମଯୁଦ୍ଧର ମିଛନିଶାରେ ଭୁଲି
କେତେ ନିରୀହ ମୁଣ୍ଡ ମୁଁ ଦେଇଛି ବଳି
ଶରଣାର୍ଥୀର ଶିବିରେ ଭରିଛି
ଆତଙ୍କ ଧୂମକୁଣ୍ଡଳୀ
ମା'ର ବୁକୁରୁ ଛଡ଼ାଇନେଇଛି ଶିଶୁ
ପତି ହଜିଗଲା ପତ୍ନୀର ବାହୁ ପାଶୁ
ସନ୍ତ୍ରାସବାଦୀ ମୁଁ ସନ୍ତାପ କରେ
କାରାଗାରର କକ୍ଷୁ ।

କେଉଁ ଧର୍ମକଥା କହୁଛ ମାଲିକେ
ରକ୍ତ ଯାହାର ଭାଷା
ମଣିଷ ଭିତରେ ଭରି ଦେଉଅଛ
ହିଂସା ଆଉ ପ୍ରତିହିଂସା
ଆମ ଜୀବନ କି ଶସ୍ତା
ଆମରି ରକ୍ତରେ ହୋରି ଖେଳି ତୁମେ
ବୋଲାଅ ଭାଗ୍ୟବିଧାତା ।

ବନ୍ଧୁକ ଛାଡ଼ି କରିବି ବନ୍ଧୁତ୍ୱ
ବୋମା ଫୋପାଡ଼ି, ବୀଣା ବଜାଇ
କମାଣ ଛାଡ଼ି କଦମ ମିଳାଇ
ଗାଇବି, ଗୁଳି ବଦଳି ଗୀତ ।

ହିଂସାକୁ ଛାଡ଼ି ଧରିବି ଶାନ୍ତିର ମାର୍ଗ
ଭବେ ରଚିବି ଆପଣାର ହାତେ ସ୍ୱର୍ଗ
ସବୁରି ହୃଦୟେ ବୁହାଇ ଦେବି ମୁଁ
ପ୍ରେମର ସୁଧାଧାରା
ସାତ ସମୁଦ୍ରର ଶାନ୍ତି ଉଦକ
ସିଞ୍ଚିବି ବିଶ୍ୱ ସାରା ।

ମିସିସିପିରୁ ନେଇ ମୁଁ ଆସିବି ଜଳ
ବୁହାଇବି ତାକୁ ହ୍ୱାଙ୍ଗ୍ ହୋ'ର ବକ୍ଷେ
ଆଣ୍ଡିଜ୍‌ରୁ ଆଣି ଚନ୍ଦନ ବୃକ୍ଷ
ରୋପିବି ଆରବ ଦେଶେ
ଅଷ୍ଟ୍ରେଲିଆ ଅନ୍ନଥାଳି ପରଷିବି
ଆଫ୍ରିକାର ଶିଶୁ ପାଶେ
ଛୋଟ ମୁହେଁ ବଡ଼ କଥା
ମାନଚିତ୍ରରୁ ଲିଭାଇଦେବି ମୁଁ
ଦେଶ ଦେଶ ସୀମାରେଖା
ଏଭରେଷ୍ଟ ଶିଖେ ଉଡ଼ାଇବି ମୁହିଁ
ଏକ ବିଶ୍ୱର ପତାକା ।

*– ସହଯୋଗୀ ଅଧ୍ୟାପକ,*
*ଓୟୁଏଟି, ଭୁବନେଶ୍ୱର*

# ରେବା

– ଡ. ଭି. ରାଜେନ୍ଦ୍ର ରାଜୁ

ହଠାତ୍ । ସେଦିନ ଅଫିସରେ କୋଳାହଳ ପଡ଼ିଗଲା । ରେବତୀର ସ୍ୱାମୀ ଚାଲିଗଲେ । ରେବା ତାଙ୍କର ଅନେକ ସେବା କରିଛି । କିନ୍ତୁ ପାରିଲାନି । ସେ ଯମ ପାଖରେ ହାରିଯାଇଛି । ଦୀର୍ଘଦିନ ଧରି ବ୍ଲଡ୍ କ୍ୟାନ୍‌ସରରେ ପୀଡ଼ିତ ହେଲା ପରେ ରେବାର ପତି ହେଲେ ଅଫେରା ପଥର ପଥିକ । ଛାଡ଼ିଯାଇଥିଲେ ତାଙ୍କର ପ୍ରେମର ସନ୍ତକ, ସେଇ ଗୋଟିଏ ପୁଅ, ଅମର । ପ୍ରାଚୀ ନଦୀର ତୀରେ ସେଦିନ ତା' ପତିର ଦେହଟା ହୁତୁହୁତୁ ହୋଇ ଜଳିଗଲା । ମାଟିର ଶରୀର ମାଟିରେ ମାଟି ହୋଇ ମିଶିଗଲା । ହେଲେ ରହିଗଲା ସବୁଦିନ ପାଇଁ ଅନେକ ଯନ୍ତ୍ରଣା, ଯାହାକୁ ସେ ଭୁଲିପାରେନା ।

ସବୁ କଥାକୁ ପଛରେ ପକାଇ ରେବା ଫେରିଆସିଛି ତା' ଅଫିସକୁ । ସମସ୍ତଙ୍କ ପାଖରେ ସେ ଦେଖୁଛି ସମବେଦନାର ଅକୁହା କଥା । କିନ୍ତୁ କେହି ହେଲେ ତାକୁ ସାହାଯ୍ୟ କରିପାରୁ ନାହାନ୍ତି । କାରଣ ସେ ଗୋଟିଏ ଠିକା କର୍ମଚାରୀ । ତାକୁ ନିୟମିତ କରିବା ପାଇଁ ଅନେକ ଅଫିସିଆଲ ନିୟମ ଅଛି । ଠିକା କର୍ମଚାରୀଙ୍କ ଦୁଃଖ କିଏ ବୁଝୁଛି । ଜଣେ ଠିକା କର୍ମଚାରୀ ରୂପେ ସେ ଯାହା ପାଏ ତାହା ତାକୁ ନିଅଣ୍ଟ । ତାକୁ ସାହାଯ୍ୟ କରିବାକୁ ଆଜିକାଲି ଦରକାର କ୍ଷମତା । କ୍ଷମତା ବା ପଦବୀ ନ ଥିଲେ ଏ ଯୁଗରେ ସାହାଯ୍ୟ କରିବା ଅସମ୍ଭବ । ହେଲେ ସବୁ କ୍ଷମତାଶାଳୀ ଲୋକେ କ'ଣ ସାହାଯ୍ୟ କରନ୍ତି ? ସେଥିପାଇଁ ଦରଦୀ ମନଟିଏ ଦରକାର । ଯିଏ ଅନ୍ୟର ଦୁଃଖକୁ ନିଜର ଭାବେ, ପର ଦୁଃଖରେ ଯିଏ ଦୁଃଖୀ ହୋଇଯାଏ ।

ରେବା ସାହସ କରି ନିଜ ମନକଥା ବିଭୁ ସାର୍‌ଙ୍କୁ କହିଲା । ସେ ଜାଣେ ଏ ଅଫିସରେ ସେ ହେଉଛନ୍ତି ତା'ର ଏକମାତ୍ର ଭରସା । ଯିଏ ତାଙ୍କ ପାଖକୁ ଯାଇଛି ସେ ନିରାଶରେ ଫେରିନି । ରେବାକୁ ବିଭୁ ସାର୍ ଦେଖିଲା ପରେ ତାଙ୍କ ଆଖିରୁ ଧାରଧାର ହୋଇ ଲୁହ ବହିଗଲା । ସେ ରେବାକୁ ସାନ୍ତ୍ୱନା ଦେଇ ଅନେକ କଥା କହିଲେ । ରେବା ତା' ମନକଥା କହି ଫେରିଲା ବେଳେ ବିଭୁ ସାର୍ ତା' ହାତରେ ଲଫାପାଟିକୁ ଧରାଇଦେଲେ । ରେବା ଲଫାପା ଖୋଲି ଦେଖିଲା, ତାହା ତା'ର ଆପଏଣ୍ଟମେଣ୍ଟ ଲେଟର । ନିଯୁକ୍ତି ପତ୍ରଟିକୁ ରେବା ଦେଖି ଚକିତ ହୋଇଗଲା । ଅନେକଦିନ ଧରି ତା' ଓଠରୁ ହଜିଯାଇଥିବା ସେ ହସଟିକୁ ସମସ୍ତେ ସେଦିନ ଅଫିସରେ ଦେଖିଥିଲେ ।

– ୟୁନିଟ୍ ୯, ଭୁବନେଶ୍ୱର

# ପିଲାଦିନ

– ଶୁଭଙ୍କର ମହାନ୍ତି

ଇଚ୍ଛା ହୁଏ କେବେ
ଫେରି ହୁଅନ୍ତା କି ସେ ପିଲାଦିନକୁ..
ଯେଉଁଠୁ
ସାଉଁଟି ଆଣନ୍ତି ଆଉ କିଛି ସ୍ମୃତି
ଜିଅନ୍ତି ମନ ଖୋଲି କିଛି ସମୟ ।


ଘରେ ଖେଳି ଗାରେଇ ଦିଅନ୍ତି କାନ୍ଥ
ଟାଉନ ହଲ୍ ରାବଣକୁ ପୋଡ଼ିବା ପାଇଁ
ଟିକିଲି ବାଣ ଆଣିବାକୁ ବୋଉକୁ ପଇସା ମାଗନ୍ତି
ହୋମିଓପାଥିକ୍ ଶିଶିରେ ପାଣି ଭରି ଛୋଟ ମାଛ ରଖିବାକୁ..
ଧୁସା ସନିଆ ଘରେ ପଶି ପଖାଳ ଖାଇବାକୁ
ଇଚ୍ଛା ହୁଏ କେବେ..
ସେମିତି ଆଉ କିଛି ଦିନ ବଞ୍ଚିବାକୁ... ।

ଖାତା ପଛରେ ଭାଇ ସହ ଛକି ଶୂନ ଖେଳିବାକୁ
ଉଡ଼ାଇବାକୁ କାଗଜ ଗୁଡ଼ି
ଲେଖିବା ପାଇଁ ପୁଣି ଥରେ ସାଙ୍ଗ ପାଇଁ ପ୍ରେମପତ୍ର
ଖାଇବା ପାଇଁ ମା'ଠୁ ଗାଳି ।

ସତରେ..
ଏବେ ବି ତ ଦୁଷ୍ଟ ହେଉଛି
ଆକଟ କରୁଛି କିଏ.. ?
ସବୁଠୁ ଅଝଟ ହେଉଛି ମୋ ଜୀବନ
ହେଲେ କୋଳେଇ ନେଉଛି କିଏ.. ?

*– ଶ୍ରୀକୋରୁଆଁ, କଟକ*





# ଆଲିୟାଙ୍କ ନୀରବତା


ଆଲିୟା-ରଣବୀର

ଆଲିୟାଙ୍କ ମନ ଭଲ ନାହିଁ। ଅଧିକାଂଶ ସମୟ ଗୁମ୍‌ସୁମ୍ ମୁଖମଣ୍ଡଳ। ଆବଶ୍ୟକ ପଡ଼ିଲେ ପଦେଅଧେ କଥା ହେଉଛନ୍ତି। ହେଲେ କ'ଣ ପାଇଁ ? ଅନେକ ସମୟରେଏହି ପ୍ରଶ୍ନକୁ ଏଡ଼ାଇ ଦେଉଥିବା ଆଲିୟା ଶେଷରେ ଏ ବିଷୟରେ ସଫେଇ ଦେଇଛନ୍ତି। ସେ କହନ୍ତି, ''ଏବେ ଟିକେ ମୁଁ ଚୁପ୍‌ଚାପ୍ ରହିବାକୁ ପସନ୍ଦ କରୁଛି। ଏହାକୁ ନେଇ ଅନେକ କଥା ମୁଁ ଶୁଣୁଛି। ହେଲେ ସେସବୁ ପଛରେ ଆଦୌ ସତ୍ୟତା ନାହିଁ। ବାକି ରହିଲା ମୋ ମ୍ୟାରେଜ କଥା। ସେ ସମୟ ଆସିଲେ ମୋ ପଟରୁ ମୁଁ ଜଣାଇଦେବି।'' ଅନ୍ୟପକ୍ଷରେ ରଣବୀର କପୁରଙ୍କ ସହ ତାଙ୍କ ଆଫେୟାର୍ସକୁ ବାପା ମହେଶ ଭଟ୍ଟ ଗ୍ରୀନ୍ ସିଗ୍‌ନାଲ୍ ଦେଇଥିବାବେଳେ ଆଗରୁ ରାଜିଥିବା ରଣବୀରଙ୍କ ପିତା ରିଷି କପୁର କୁଆଡ଼େ ଏବେ ଅସନ୍ତୁଷ୍ଟ ଅଛନ୍ତି। ହେଲେ ରଣବୀର-ଆଲିୟା ସମ୍ପର୍କକୁ ନେଇ ନିତୁ ବେଶ୍ ଖୁସ୍ ଆଉ ଆଲିୟା କେବେ ତାଙ୍କ ଘରକୁ ବୋହୂ ହୋଇ ଯିବେ ସେ ନେଇ ସେ କୁଆଡ଼େ ଚାହିଁ ବସିଛନ୍ତି। ତେବେ ଏହି ହାଇଭୋଲ୍‌ଟେଜ ପ୍ରେମ କାହାଣୀର ଦି ଏଣ୍ଡ କିପରି ହେଉଛି ତାହା ଦେଖିବାକୁ ବାକି ରହିଲା।

# ଘାରିଛି ଓଜନ କମାଇବା ନିଶା

ସୈଫ ତନୟା ସାରା ଅଲ୍ଲୀ ଖାଁଙ୍କୁ ଏବେ ଓଜନ କମାଇବା ନିଶା ଘାରିଛି। ବଲିଉଡ୍‌ରେ ଏଣ୍ଟ୍ରି କରିବା ପୂର୍ବରୁ ତାଙ୍କର ଓଜନ ଥିଲା ୯୬ କି.ଗ୍ରା.। ହେଲେ ଓଜନକୁ କିପରି ସନ୍ତୁଳିତ ରଖିବେ ସେ ନେଇ ଦିନରାତି ଏକାଠି କରିଦେଇଥିଲେ। ବାସ୍, ପ୍ରଥମ ସିନେମା 'କେଦାରନାଥ' ଶୁଟିଂ ପୂର୍ବରୁ ସେ ଏଥିରେ ଅନେକାଂଶରେ ସଫଳ ହୋଇଥିଲେ। ଏ ସମ୍ପର୍କରେ ସାରା କହନ୍ତି, ''ମୋ ଓଜନକୁ ନେଇ ପୂର୍ବରୁ ମମି (ଅମ୍ରିତା ସିଂ) ଅନେକ ଥର ମୋତେ ସାବଧାନ କରିଦେଇଥିଲେ। ଆଉ ତା'ପରେ ଏଥିପାଇଁ ମୁଁ ସଚେତନ ହେବା ସହ ଡାଏଟିଂ ଉପରେ ଅଧିକ ଗୁରୁତ୍ୱ ଦେଇଥିଲି। ଏବେ ମୋ ଓଜନ ମୁଁ ପାଖାପାଖି ୩୦ କି.ଗ୍ରା. କମାଇବାରେ ସକ୍ଷମ ହୋଇଛି। ମୋ ଫିଗରକୁ ମୁଁ ଡିଫରେଣ୍ଟ ଲୁକ୍ ଦେବାକୁ ଚାହୁଁଛି। ଏ ନେଇ କରୀନାଙ୍କ ଟିପ୍ସ ମୋତେ ବେଶ୍ ସହାୟକ ହୋଇଛି।'' ସାରାଙ୍କ ଅଭିନୀତ ପ୍ରଥମ ହିନ୍ଦୀ ସିନେମା 'କେଦାରନାଥ'ରେ ତାଙ୍କ ଅପୋଜିଟ୍‌ରେ ଅଛନ୍ତି ସୁଶାନ୍ତ ସିଂ ରାଜପୁତ। ୩୫କୋଟି ଟଙ୍କା ବ୍ୟୟରେ ନିର୍ମିତ ଏହି ଫିଲ୍ମ ଚଳିତ ମାସ ୭ରେ ରିଲିଜ ହୋଇ ଆଶାନୁରୂପ ବିଜ୍‌ନେସ କରିବାରେ ସକ୍ଷମ ହୋଇଛି।


ସାରା

# ଦିଶା ଯାହା ଖୋଜୁଥିଲେ



କଥାରେ ଅଛି-ଏ ମନ ଖୋଜୁଥାଏ ଯାହା କାଳେ ପ୍ରାପତ ହୁଏ ତାହା। ଦିଶା ପଟାନି ଯାହା ଅନେକ ଦିନ ଧରି ଆଶା କରିଥିଲେ ତାହା ପୂରଣ ହୋଇଛି। ଅଭିନୟରେ ସେ ବିଗତ ଦିନର ଅନ୍ୟତମ ଲୋକପ୍ରିୟ ଅଭିନେତ୍ରୀ ରେଖାଙ୍କୁ ନିଜର ରୋଲ୍ ମଡେଲ ଭାବରେ ମାନନ୍ତି। ନିକଟରେ ଏକ କାର୍ଯ୍ୟକ୍ରମରେ ତାଙ୍କ ସହ ଦିଶାଙ୍କର ଭେଟ ହୋଇଗଲା। ବାସ୍, ତା'ପରେ ରେଖାଙ୍କ ସହ ବେଶ୍ କିଛି ସମୟ କଥା ହୋଇଥିଲେ ସେ। ଏହି ସମୟରେ ରେଖା ଯାହା ସବୁ କହିଲେ ତାହାକୁ କୁଆଡ଼େ ଅକ୍ଷରେ ଅକ୍ଷରେ ପାଳନ କରିବାକୁ ଦିଶା ମାଇଣ୍ଡ ମେକ୍‌ଅପ୍ କରିସାରିଲେଣି। ଏ ବିଷୟରେ ସେ କହନ୍ତି, ''ରେଖା ମ୍ୟାଡାମ ସେଦିନ ମୋତେ ଯାହା ସବୁ କହିଲେ ତାକୁ ଯଦି ମୁଁ ଗୋଟି ଗୋଟି ପାଳନ କରେ ତେବେ ତାହା ମୋ କ୍ୟାରିୟରକୁ ନିଶ୍ଚୟ ନୂଆ ମୋଡ଼ ଦେବ। ସେ ସିନା କହିଦେଲେ ହେଲେ ବାକି ସବୁ ମୋ ଉପରେ ନିର୍ଭର କରେ।'' ତେବେ ଏହାକୁ ସେ ବାସ୍ତବରେ କେତେ ଉପଯୋଗ କରୁଛନ୍ତି ତାହା ଆଗାମୀ ସମୟ ହିଁ କହିବ।

# ଜୀବନର ଭିନ୍ନ କାହାଣୀ

ରାମହରି ମହାପାତ୍ର ଜଣେ ସରକାରୀ କର୍ମଚାରୀ। ବଡ଼ବାବୁ ଭାବରେ ଅବସର ଗ୍ରହଣ କରନ୍ତି। ଚାକିରି ତମାମ ନିଜକୁ ଜଣେ ସଚ୍ଚୋଟ କର୍ମଚାରୀ ଭାବରେ ପରିଚିତ କରାଇ ପ୍ରଶଂସିତ ହୋଇଛନ୍ତି। ପରିବାରର ଆବଶ୍ୟକତା ପୂରଣ କରିବାକୁ ସେ ଯଥାସାଧ୍ୟ ଉଦ୍ୟମ କରିଛନ୍ତି। ଝିଅ ଅନୁ ଶିକ୍ଷକତା କରୁଥିବା ବେଳେ ପୁଅ ଦେବ ଇଞ୍ଜିନିୟରିଂ ପଢ଼ିବାକୁ ଆଶା ରଖି ସେଥିରେ ବିଫଳ ହୁଏ। ଅବସର ପରେ ରାମହରି କି କି ପରିସ୍ଥିତିର ସାମ୍‌ନା କରୁଛନ୍ତି ଏବଂ ତାଙ୍କର ଜୀବନର ପଥ କୁଆଡ଼େ ଗତି କରୁଛି ତାହାକୁ ଆଧାରକରି ନିର୍ମିତ ହୋଇଛି ଏକ ଭିନ୍ନ ଧରଣର ଓଡ଼ିଆ ଚଳଚ୍ଚିତ୍ର 'ଜୀବନର ଚଲାପଥେ'। ନନ୍ଦନରାଜ ଫିଲ୍ମସ ବ୍ୟାନରରେ ଫିଲ୍ମର ପ୍ରଯୋଜନା କରିଛନ୍ତି ବର୍ଷା ଭାବନା ଖଟୁଆ ଏବଂ ଆଦିତୀ ଦାସ। କାହାଣୀ ରଚନା ସହ ସଂଳାପ, ଗୀତ ଏବଂ ସଙ୍ଗୀତ ଦାୟିତ୍ୱରେ ଅଛନ୍ତି ସୌମ୍ୟକାନ୍ତ ଖଣ୍ଡାଇ। ସଂଯୋଜିତ ଗୀତଗୁଡିକ ପାଇଁ ସ୍ୱର ଦେଇଛନ୍ତି ଅଭିଜିତ ମଜୁମଦାର, ଅରବିନ୍ଦ ଦତ୍ତ, ନମ୍ରତା ମହାନ୍ତି ଏବଂ ସୌମ୍ୟକାନ୍ତ ଖଣ୍ଡାଇ। ନିର୍ଦ୍ଦେଶନା ଦାୟିତ୍ୱ ତୁଲାଇଛନ୍ତି ଦିଲୀପ ମହାନ୍ତି। ଏଥିରେ ନାୟକ ଭୂମିକାରେ କ୍ରିଷ୍ଣା, ଦେବାଶିଷ ଏବଂ ନାୟିକା ଭାବରେ ପୂଜା, ସୋନି ମହାନ୍ତିଙ୍କୁ ଦେଖିବାକୁ ମିଳିବ। ଏମାନଙ୍କ ବ୍ୟତୀତ ମିହିର ଦାସ, ଅନୀତା ଦାସ, ବାବୁ ପ୍ରଧାନ, ରବି ମିଶ୍ର, ସୌମ୍ୟକାନ୍ତ, ଶ୍ରୀପଦ୍ମା, ଟନିଆ, ବିଶ୍ୱ ଏବଂ ବୁଲ୍‌ବୁଲ୍ ବିଭିନ୍ନ ଭୂମିକାରେ ଅଭିନୟ କରିଛନ୍ତି।


ଦେବାଶିଷ-ସୋନି

# ଶାହରୁଖ ହିଁ ବେଷ୍ଟ

ଭବିଷ୍ୟତରେ ଶାହରୁଖଙ୍କ ସହ ଆକ୍ଟିଂ କରିବାକୁ ଯଦି ସୁଯୋଗ ମିଳେ ତେବେ ତାହାକୁ କଦାପି ହାତଛଡ଼ା କରିବେ ନାହିଁ ବୋଲି କହିଛନ୍ତି କ୍ୟାଟ୍ରିନା। ଚଳିତ ମାସ ୨୧ରେ ରିଲିଜ ହୋଇଥିବା 'ଜିରୋ'କୁ ନେଇ ବେଶ୍ ଆଶାବାଦୀ ଅଛନ୍ତି ସେ। ଏଥିରେ ଶାହରୁଖଙ୍କ ସହ କ୍ୟାଟ୍ରିନାଙ୍କ ବ୍ୟତୀତ ଅନୁଷ୍କା ଶର୍ମା ମଧ୍ୟ ଅଭିନୟ କରିଛନ୍ତି। ଏହି ଫିଲ୍ମରେ ନିଜ ଭୂମିକା ବିଷୟରେ କ୍ୟାଟ୍ରିନା କହନ୍ତି, ''ମୁଁ ଯେଉଁଭଳି ରୋମାଣ୍ଟିକ ଭୂମିକାଟିଏ ଆଶା କରୁଥିଲି ତାହା ମୋତେ ଏଥରେ ମିଳିଛି। ଏହି ଫିଲ୍ମର କାହାଣୀ ବ୍ୟତୀତ ମୋ ଗ୍ଲାମର ଅନ୍ୟତମ ଆକର୍ଷଣ ହେବ। ବିଶେଷଭାବରେ ଏଥିପାଇଁ କେଉଁ କଷ୍ଟ୍ୟୁମ ପିନ୍ଧିଲେ ମୁଁ ଆହୁରି ଗ୍ଲାମର୍ସ ଲାଗିବି ସେଥିପାଇଁ ଅନେକ ସମୟରେ ମୁଁ ଦୋଛକିରେ ପଡ଼ିଯାଇଥିଲି। ବାକି ରହିଲା ଶାହରୁଖଙ୍କ କଥା। ଏବେ ମଧ୍ୟ ତାଙ୍କଠାରୁ ଆକ୍ଟିଂ ବିଷୟରେ ଅନେକ କିଛି ଶିଖିବାର ଅଛି।'' ଏଥିରେ ଶାହରୁଖ ବାମନ ଭୂମିକାରେ ଅଭିନୟ କରିଛନ୍ତି। ତେବେ ଏହି ଫିଲ୍ମରେ କ୍ୟାଟ୍ରିନାଙ୍କ ଗ୍ଲାମର ରୋଲ୍‌କୁ ଦର୍ଶକ କେତେ ଗ୍ରହଣ କରୁଛନ୍ତି ତାହା ଅଳ୍ପ ଦିନରେ ଜଣାପଡ଼ିଯିବ।

# ରୋହିତଙ୍କ ପ୍ରଶଂସାରେ ଅକ୍ଷୟ

ସତରେ ଯାକୁ ହିଁ କହନ୍ତି ହାତୀ ମୁଣ୍ଡରେ ସୁନାକଳସ ଢାଳିବା। ଦେଖୁନାହାନ୍ତି, ନିର୍ଦ୍ଦେଶକ ରୋହିତ ସେଟ୍ଟି ତାଙ୍କର ଆଗାମୀ ଫିଲ୍ମରେ ରଣବୀର ସିଂଙ୍କୁ ବ୍ରେକ୍ ଦେବେ ବୋଲି ଶୁଣାଯାଉଥିଲା। ହେଲେ ରାତାରାତି ଚକ ଏମିତି ଓଲଟିଗଲା ଯେ ଦେଖିଲା ବେଳକୁ ସେହି ଫିଲ୍ମର ଲିଡ୍ ରୋଲ୍ ପାଇଁ ଅକ୍ଷୟଙ୍କୁ ସାଇନ୍ କରାଯାଇଛି। ଆଉ ଏପରି ଅଫର ପାଇବା ପରେ ଅକ୍ଷୟଙ୍କ ଖୁସି କହିଲେ ନ ସରେ। ଏବେ ଯୁଆଡ଼େ ଗଲେ ସେ ରୋହିତଙ୍କର ଭୂରି ଭୂରି ପ୍ରଶଂସା କରୁଛନ୍ତି। ହେଲେ ଏହି ଫିଲ୍ମର ରୋହିତ ନିର୍ଦ୍ଦେଶନା ଦେଉନାହାନ୍ତି। ସେ ପ୍ରଯୋଜନା କରୁଥିବା ବେଳେ ନିର୍ଦ୍ଦେଶନା ଦେବେ ଶଙ୍କର। ୪୫୦କୋଟି ବଜେଟ ବିଶିଷ୍ଟ ଏହି ଫିଲ୍ମର ଟାଇଟଲ ଫାଇନାଲ ହୋଇନାହିଁ ଏବଂ ଏହାର ଶୁଟିଂ ଆସନ୍ତାବର୍ଷ ଜୁନ୍‌ରୁ ଆରମ୍ଭ ହେବ ବୋଲି ରୋହିତ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ ରୋହିତଙ୍କ ନିର୍ଦ୍ଦେଶନାରେ ନିର୍ମିତ 'ସିମ୍ବା'ର ମୁଖ୍ୟ ଭୂମିକାରେ ରଣବୀର ସିଂଙ୍କ ସହ ଅଛନ୍ତି ସାରା ଅଲ୍ଲୀ ଖାଁ।


ଅକ୍ଷୟ


କ୍ୟାଟ୍ରିନା

**ପ୍ରଶ୍ନ–**ମୋ ପ୍ରିୟା ସବୁବେଳେ ମନ ମାରି ବସୁଛି। ବେଳେବେଳେ ଅସଲ କଥାକୁ ବୁଝୁଛି, ହେଲେ ଅନେକ ସମୟରେ ତା' ନୀରବତା ମୋ ପ୍ରେମ ଉପରେ ପ୍ରଶ୍ନବାଚୀ ଲଗାଇ ଦେଇଛି। କ'ଣ କରିବି ?

*–ସାଗର ସାହୁ, ରାଉରକେଲା*

**ଉତ୍ତର:** ପ୍ରେମିକାର ମନ କଥାକୁ ବୁଝିବାକୁ ଚେଷ୍ଟା କରନ୍ତୁ। ବେଳେବେଳେ ସେମାନଙ୍କର ନୀରବତା ଭିତରେ ପ୍ରେମର ଅସଲ ରହସ୍ୟ ଲୁଚି ରହିଥାଏ। ଅର୍ଥାତ୍, 'ମଉନେ ବସିଛି ମନର ରାଣୀ, ଆଖିରେ କହୁଛି ପ୍ରେମ କାହାଣୀ'। ପ୍ରେମିକାର ମୌନ ଅବତାରକୁ ନେଇ ବିବ୍ରତ ହେଲେ ପ୍ରେମର ସବୁ ଗଣିତ ଭୁଲ ହୋଇଯିବ। ତେଣୁ ତା' ଆଖିର ପରିଭାଷାକୁ ଭଲ ଭାବରେ ପଢ଼ନ୍ତୁ। ଦେଖିବେ, ଆପଣଙ୍କ ସମସ୍ୟାର ସମାଧାନର ସୂତ୍ର ସେଠାରେ ହିଁ ନିହିତ ଅଛି।

**ପ୍ରଶ୍ନ–**ରାଗ, ରୁଷା ପ୍ରେମରେ ଦେଖାଯିବା କିଛି ନୂଆ କଥା ନୁହେଁ। ତଥାପି ପ୍ରେମରେ ଜଣେ ଜଣକୁ ଧୋକା ଦିଏ କାହିଁକି ?

*–ଅନୂପ ରାଉତ, ଢେଙ୍କାନାଳ*

**ଉତ୍ତର:**ପ୍ରେମ ରାସ୍ତାରେ ଚାଲିବା ସମୟରେ ଅନେକ ଘଟଣା ଘଟିଥାଏ। ସେଗୁଡିକ ମଧ୍ୟରୁ ଅନେକ କଥା ମନର ଶୋ' ରୁମ୍‌ରେ ସ୍ମୃତି ହୋଇ ରହିଯାଏ। ପ୍ରେମରେ ରାଗ, ରୁଷାକୁ ନେଇ ଟେନସନ ନେବା ପଛରେ କେତେ ଯଥାର୍ଥତା ରହିଛି ତାହା ଚିନ୍ତା କରନ୍ତୁ। ବାକି ରହିଲା ଧୋକା କଥା। ପ୍ରେମ ଉପରୁ ଯେତେବେଳେ ଉଭୟଙ୍କର ବିଶ୍ୱାସ ତୁଟିଯାଏ ସେତେବେଳେ ମନ ଆନମନା ହୁଏ। ପ୍ରେମକୁ ନେଇ ଅନେକ ଅସମାଧିତ ପ୍ରଶ୍ନ ମନରେ ଉଙ୍କି ମାରେ। ସେତେବେଳେ ଅସ୍ଥିର ମନ ପ୍ରେମକୁ ନେଇ କି ନିଷ୍ପତ୍ତି ନିଏ ତାହା ଆକଳନ କରିବା କଷ୍ଟକର। ତେଣୁ ପ୍ରେମ କରିବା ସମୟରେ ମନରୁ ଅବିଶ୍ୱାସ ଏବଂ ସନ୍ଦେହ ରୂପକ ଭାଇରସକୁ ସମ୍ପୂର୍ଣ୍ଣ ଭାବରେ ଦୂରେଇ ଦିଅନ୍ତୁ।

**ପ୍ରଶ୍ନ–**ଜଣେ ଝିଅ ମୋତେ ଭଲ ପାଉଛି କି ନାହିଁ କେମିତି ଜାଣିବି ?

*–ସାରଥୀ ମଲ୍ଲିକ, ଅମରପାଲି,*
*ବୀରମହାରାଜପୁର, ସୋନପୁର*

**ଉତ୍ତର:** ଏହାର ଉପାୟ ବେଶ୍ ସରଳ। ଝିଅର ମତିଗତିକୁ ଲକ୍ଷ୍ୟ କରି ନିଜ ମନର କଥା ତାକୁ ସାହସର ସହ କହନ୍ତୁ। ଯଦି ଆପଣଙ୍କ ଆଖି ସହ ତା' ଆଖି ମିଶିଗଲା, ଓଠରେ ମୁରୁକି ହସର ଜୁଆର ଖେଳିଲା ତେବେ ଭାବିନିଅନ୍ତୁ ଆପଣଙ୍କ ମନ ସେହି ସୁନ୍ଦରୀ ମନରେ ବସା ବାନ୍ଧିବାକୁ ଯାଉଛି। ବାସ୍, ସେପଟୁ ଗ୍ରୀନ ସିଗନାଲ ପାଇବା ମାତ୍ରେ ଡେରି ନ କରି ଆପଣଙ୍କ ପ୍ରେମ ଗାଡିକୁ ଆଗକୁ ଗଡିବାକୁ ଦିଅନ୍ତୁ।

**ପ୍ରଶ୍ନ–**ଜଣେ ବିବାହିତ ପୁରୁଷ ନିକଟରେ ତା' ସ୍ତ୍ରୀର ପ୍ରେମ ବଡ ନା ପ୍ରେମିକା ପ୍ରେମ ବଡ ? ଏହାକୁ ନେଇ ମୁଁ ଅଡୁଆରେ ପଡିଯାଇଛି। ତାକୁ କିପରି ସମାଧାନ କରିବି ?

*–ଅଜୟ କୁମାର, ଯାଜପୁର*

**ଉତ୍ତର:** ବାହା ହେବା ପରେ ଅନ୍ୟ ଝିଅ ପ୍ରେମରେ ପଡିବା ଅର୍ଥ ନିଜ ଗୋଡରେ ନିଜେ କୁରାଢ଼ି ମାରିବା। ଯଦି ସେ ରାସ୍ତାରେ ଗୋଡ ଖସାଇବାକୁ ଯାଉଛନ୍ତି ତେବେ ଆଗକୁ ନ ବଢ଼ି ପଛକୁ ଫେରନ୍ତୁ ଆଉ ନିଜ ପରିବାର ପ୍ରତି ଧ୍ୟାନ ଦିଅନ୍ତୁ। ଯଦି ଜାଣିଶୁଣି ସେହି ଅଗ୍ନିପିଣ୍ଡୁଳାରେ ଗୋଡ ପୁରାଇବେ ତେବେ ଆପଣା ହସ୍ତେ ଜିହ୍ୱା ଛେଦି କେ' ତା'ର ଅଛି ପ୍ରତିବାଦୀ ! ନା କ'ଣ କହୁଛନ୍ତି ?

# ମଉନେ ବସିଛି ମନର ରାଣୀ, ଆଖିରେ କହୁଛି ପ୍ରେମ କାହାଣୀ




ପ୍ରଥମ ରୋଜଗାର

# ବୋଉଙ୍କୁ ଶାଢ଼ି ଓ ବାପାଙ୍କୁ ପ୍ୟାଣ୍ଟ-ଶାର୍ଟ ଦେଇଥିଲି



ବରିଷ୍ଠ କୃଷି ବୈଜ୍ଞାନିକ ତଥା ଲେଖକ **ଡ. ସୁନୀଲ କୁମାର ମହାପାତ୍ର** ନିଜ ପ୍ରଥମ ରୋଜଗାର ସମ୍ପର୍କରେ ଯାହା କୁହନ୍ତି...

ମୋର ଜନ୍ମ ଓ ପାଠପଢା ଭୁବନେଶ୍ୱରରେ। ୟୁନିଟ୍-୮ ବାଳକ ଉଚ୍ଚବିଦ୍ୟାଳୟରୁ ମାଟ୍ରିକ୍ ପାସ୍ କରିବା ପରେ ମହର୍ଷି କଲେଜରେ ଯୁକ୍ତ ଦୁଇ ବିଜ୍ଞାନ ପଢିଥିଲି। ତା'ପରେ ରାଜସ୍ଥାନ ଏଗ୍ରିକଲ୍‌ଚର ୟୁନିଭର୍ସିଟିରୁ ବି.ଏସ୍‌ସି. (ଏ.ଜି.) ସାରି ଓୟୁଏଟିରେ ଏମ.ଏସ୍‌ସି. (ଏ.ଜି.)(ହର୍ଟିକଲ୍‌ଚର) ପଢିଥିଲି। ୧୯୯୯ରେ ପଢା ସରିବା ପରେ ନାଗାର୍ଜୁନ ନାମକ ଏକ ଫର୍ଟିଲାଇଜର୍ କମ୍ପାନୀରେ ସିନିୟର୍ ମାର୍କେଟିଂ ଅଫିସର୍ ଭାବେ ଚାକିରି ଆରମ୍ଭକଲି। ପୋଷ୍ଟିଂ ବ୍ରହ୍ମପୁରରେ ହୋଇଥିଲେ ହେଁ ପୂରା ସାଉଥ୍ ଓଡ଼ିଶା ଜୋନ୍‌ର ଦାୟିତ୍ୱ ମୋ ଉପରେ ଥିଲା। ଏହି କମ୍ପାନୀରୁ ମୋର ପ୍ରଥମ ରୋଜଗାର ୨୫୦୦ ଟଙ୍କା ହେଲା। ସେଥିରୁ କିଛି ଟଙ୍କାରେ ବୋଉ ପାଇଁ ଗୋଟେ ଶାଢ଼ି ଓ ବାପାଙ୍କ ପାଇଁ ହଳେ ପ୍ୟାଣ୍ଟଶାର୍ଟ କିଣିଥିଲି। ବାକି ଯାହା ବଳିଥିଲା ତାକୁ ସଞ୍ଚୟ କରିଥିଲି। ପ୍ରାୟ ୫/୬ମାସ ଏମିତି ପଇସା ସଞ୍ଚୟ କରିବା ପରେ ସେଥିରେ ଆଉ କିଛି ଟଙ୍କା ମିଶାଇ ଗୋଟିଏ ହିରୋହୋଣ୍ଡା ବାଇକ୍ କିଣିଥିଲି। କାରଣ ବାଇକ୍ କିଣିବା ମୋର ବହୁତ ଦିନର ସ୍ୱପ୍ନ ଥିଲା। ମୁଁ ଯେତେବେଳେ ଦଶମରେ ପଢୁଥିଲି, ବାପାଙ୍କୁ ଗୋଟେ ବାଇକ୍ କିଣିଦେବା ପାଇଁ କହିଥିଲି। ବାପା କହିଲେ, ଦଶମରେ ଫାଷ୍ଟ କ୍ଲାସ୍ ହେଲେ ବାଇକ୍ କିଣିଦେବେ। ହେଲେ କଥା ମୁତାବକ କିଣିଲେ ନାହିଁ। ତା'ପରେ ବି ପ୍ରତିଥର କହିଲେ, ଏଥର ଭଲ ମାର୍କ ରଖ, ବାଇକ୍ କିଣିଦେବି। ଏମିତି କହି କହି ମୋର ପଢା ସରିଗଲା ହେଲେ ବାଇକ୍ କିଣା ହୋଇପାରିଲା ନାହିଁ। ଶେଷରେ ଯେବେ ଚାକିରି କଲି, ପଇସା ସଞ୍ଚୟ କରି ବାଇକ୍ କିଣିବାକୁ ମନେ ମନେ ନିଷ୍ପତ୍ତି ନେଇଥିଲି। ଆଉ ଯେଉଁଦିନ ବାଇକ୍ କିଣିଲି, ସେଦିନ ଖୁସି କହିଲେ ନ ସରେ। ତେବେ ସେ ଯାହା ହେଉ, ୨୦୦୨ ପର୍ଯ୍ୟନ୍ତ ନାଗାର୍ଜୁନରେ କାମ କରିବା ପରେ ଓୟୁଏଟି ହର୍ଟିକଲ୍‌ଚର ଡିପାର୍ଟମେଣ୍ଟର ନ୍ୟାଶନାଲ୍ ଏଗ୍ରିକଲ୍‌ଚରାଲ୍ ଟେକ୍ନୋଲୋଜି ପ୍ରୋଜେକ୍ଟର ରିସର୍ଚ୍ଚ ଆସୋସିଏଟ୍ ଭାବେ କାମ କଲି। ଦୁଇବର୍ଷ ପରେ ଛତିଶଗଡ଼ ଜଗଦଲ୍‌ପୁରର ମାହିକୋ ସିଡ୍ସ ନାମକ ଏକ ଏଗ୍ରିକଲ୍‌ଚରାଲ କମ୍ପାନୀରେ ମାର୍କେଟିଂ ମ୍ୟାନେଜର୍ ଭାବେ ଯୋଗ ଦେଲି। ଏଠି ମଧ୍ୟ ଦୁଇବର୍ଷ କାମ କରିବା ପରେ କୃଷିବିଜ୍ଞାନ କେନ୍ଦ୍ର, କେନ୍ଦୁଝରରେ ସବ୍‌ଜେକ୍ଟ ମ୍ୟାଟର୍ସ ସ୍ପେଶାଲିଷ୍ଟ (ହର୍ଟିକଲ୍‌ଚର) ଭାବେ ନିଯୁକ୍ତି ପାଇଲି। ୨୦୧୨ ଯାଏଁ ଏହି ପଦବୀରେ କାମ କରିବା ପରେ ପ୍ରମୋଶନ ପାଇ କାର୍ଯ୍ୟକ୍ରମ ସଂଯୋଜକ ଭାବେ ପୁଣି ଆଉ ତିନିବର୍ଷ କେନ୍ଦୁଝରରେ ରହିଲି। ଅବଶ୍ୟ ତା'ଭିତରେ ମୋର ପିଏଚ୍‌ଡି ସରିଯାଇଥାଏ। ତେଣୁ ଏହାପରେ କୃଷିବିଜ୍ଞାନ କେନ୍ଦ୍ର, ଢେଙ୍କାନାଳକୁ ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ ଭାବେ ବଦଳି ହୋଇଗଲି। ପୁଣି ୨୦୧୭ରେ ମୋର ବାଲେଶ୍ୱରକୁ ବଦଳି ହେଲା। ଆଉ ଏବେ ବି ମୁଁ ସେହି କୃଷିବିଜ୍ଞାନ କେନ୍ଦ୍ର, ବାଲେଶ୍ୱରରେ ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ ଭାବେ କାର୍ଯ୍ୟରତ। ଏ ତ ଥିଲା ମୋ ଚାକିରି ଜୀବନ କଥା। ଏହାବାଦ୍ କୃଷିଭିତ୍ତିକ ଲେଖା ଲେଖିବାରେ ବି ରୁଚି ରହିଛି। ଆଜିଯାଏଁ ବିଭିନ୍ନ କୃଷି ପତ୍ରିକା ତଥା ଖବରକାଗଜରେ ପ୍ରାୟ ୨୦ରୁ ଊର୍ଦ୍ଧ୍ୱ କୃଷିଭିତ୍ତିକ ଲେଖା ମୋର ପ୍ରକାଶ ପାଇସାରିଲାଣି। ସେହିପରି ୟା'ଭିତରେ ଅନ୍ନଦାତା ପ୍ରୋଗ୍ରାମ୍, କୃଷି ଦର୍ଶନ, କୃଷକ ଓ ବୈଜ୍ଞାନିକ ଆଲୋଚନାଚକ୍ର ପରି କେତେକ ଟେଲିଭିଜନ୍ ପ୍ରୋଗ୍ରାମ୍‌ରେ ମଧ୍ୟ ଅନେକ ଥର ଭାଗ ନେଇସାରିଲିଣି। କେବଳ ସେତିକି ନୁହେଁ, ପଞ୍ଜାବ ଏଗ୍ରିକଲ୍‌ଚରାଲ ୟୁନିଭର୍ସିଟି ତରଫରୁ ଅନୁଷ୍ଠିତ ହୋଇଥିବା ଅଲ୍ ଇଣ୍ଡିଆ ରିସର୍ଚ୍ଚ ଆର୍ଟିକଲ୍ କମ୍ପିଟିଶନରେ ମୁଁ ଦ୍ୱିତୀୟ ସ୍ଥାନ ଅଧିକାର କରିବାର ଗୌରବ ବି ହାସଲ କରିସାରିଛି।

**–ଅମ୍ବିତା**

# ଅଜବ ବ୍ୟାଗ





ମହିଳାମାନଙ୍କ ଗହଣରେ ହ୍ୟାଣ୍ଡବ୍ୟାଗ୍‌ର ଟ୍ରେଣ୍ଡ ପୂର୍ବରୁ ଥିଲା, ଏବେ ବି ଅଛି ଆଉ ଆଗକୁ ମଧ୍ୟ ରହିବ ବୋଲି ଅନୁମାନ କରାଯାଏ। ଖାସ୍ ଏଇଥିପାଇଁ ଦିନକୁ ଦିନ ନୂଆ ନୂଆ ଡିଜାଇନ୍‌ର ହ୍ୟାଣ୍ଡବ୍ୟାଗ୍ ମାର୍କେଟ୍‌ରେ ମିଳୁଥିବାର ଦେଖିବାକୁ ମିଳୁଛି। ବେଳେବେଳେ ଏମିତି ବି କିଛି ଭିନ୍ନ ଡିଜାଇନ୍‌ର ହ୍ୟାଣ୍ଡବ୍ୟାଗ୍ ଆସୁଛି, ଯାହା ଦେଖିବାକୁ ଅଜବ ଲାଗିବା ସହ ଅନ୍ୟମାନଙ୍କର ଦୃଷ୍ଟି ଆକର୍ଷଣ କରିଥାଏ...



**ହେଡ୍ ହ୍ୟାଣ୍ଡବ୍ୟାଗ୍:** ମଣିଷଙ୍କ ମୁଣ୍ଡ ଡିଜାଇନ୍‌ର ଏହି ହ୍ୟାଣ୍ଡବ୍ୟାଗ୍‌ଟି ଦେଖିବାକୁ ବେଶ୍ ଅଜବ ଲାଗିଲେ ବି ଏହାର ଡିମାଣ୍ଡ ଏବେ ଖୁବ୍ ରହିଛି। ଏହି ବ୍ୟାଗ୍ ଭିନ୍ନ ଭିନ୍ନ ରଙ୍ଗରେ ମଧ୍ୟ ମାର୍କେଟ୍‌ରେ ଉପଲବ୍ଧ ହେଲାଣି। ଖାସ୍ କରି କଳା, ଧଳା ଓ ସାମାନ୍ୟ ଧୂସର ରଙ୍ଗରେ ଆସୁଥିବା ଏହି ବ୍ୟାଗ୍ ଯୁବପିଢ଼ିଙ୍କର ଅଧିକ ପସନ୍ଦ।

**ଚିକେନ୍ ହ୍ୟାଣ୍ଡବ୍ୟାଗ୍:** ଅବିକଳ କୁକୁଡ଼ାଙ୍କ ଭଳି ଏହି ବ୍ୟାଗ୍‌ର ଡିଜାଇନ୍ ହୋଇଥାଏ, ଯାହାର ଉପରି ଭାଗରେ ଗୋଟିଏ ଲମ୍ବା ଚେନ୍ ରହିବା ସହ ହାତରେ ଧରିବା ପାଇଁ ହ୍ୟାଣ୍ଡେଲ୍ ମଧ୍ୟ ଲାଗିଥାଏ। ଏହି ବ୍ୟାଗ୍‌କୁ କେବଳ ଆଉଟିଂରେ ଗଲାବେଳେ ହିଁ ବ୍ୟବହାର କଲେ ଡିଫରେଣ୍ଟ ଲୁକ୍ ମିଳିଥାଏ।

**କମ୍ପ୍ୟୁଟର କି-ବୋର୍ଡ ହ୍ୟାଣ୍ଡବ୍ୟାଗ୍:** କମ୍ପ୍ୟୁଟରରେ ଲାଗିଥିବା କି-ବୋର୍ଡ ତ ପ୍ରାୟ ସମସ୍ତେ ଦେଖିଥିବେ। ଆଉ ସେହି କି-ବୋର୍ଡ ଷ୍ଟାଇଲ୍‌କୁ ଅନୁକରଣ କରି ଏକ ହ୍ୟାଣ୍ଡବ୍ୟାଗ୍ ନିର୍ମାଣ କରାଯାଇଛି, ଯାହାକୁ ଦେଖିଲେ ହଠାତ୍ ଜଣେ ଆଶ୍ଚର୍ଯ୍ୟ ହୋଇଯିବ ଯେ ଏହା ସତରେ କ'ଣ ହ୍ୟାଣ୍ଡବ୍ୟାଗ୍ ନା ଏକ କି-ବୋର୍ଡ!

**ଟୋଡ୍ ହ୍ୟାଣ୍ଡବ୍ୟାଗ୍:** ଟୋଡ୍‌ର ଅର୍ଥ ହେଉଛି ଏକପ୍ରକାର ଜଳଜାତ ଭୂମିଚର ବେଙ୍ଗ। ଏବେ ମାର୍କେଟ୍‌ରେ ଏହି ବେଙ୍ଗ ଷ୍ଟାଇଲ୍‌ର ହ୍ୟାଣ୍ଡବ୍ୟାଗ୍ ବି ମିଳିଲାଣି। ଅବିକଳ ବେଙ୍ଗ ଷ୍ଟାଇଲ୍‌ର ଏହି ବ୍ୟାଗ୍‌ର ଉପରି ଭାଗରେ ହ୍ୟାଣ୍ଡେଲ୍ ଲାଗିଥାଏ। ତା'ଛଡ଼ା ଏଥିରେ ଲାଗିଥିବା ବେଙ୍ଗ ଆଖି ପରି ଆଖି ଦୁଇଟିକୁ ଦେଖିଲେ ଜୀବନ୍ତ ପରି ଲାଗେ, ଯାହା ହେଉଛି ଏହି ହ୍ୟାଣ୍ଡବ୍ୟାଗ୍‌ର ମୁଖ୍ୟ ବିଶେଷତ୍ୱ।

**ବେଲି ହ୍ୟାଣ୍ଡବ୍ୟାଗ୍:** ବେଲି ବା ପେଟ ଭଳି ଅବିକଳ ଦେଖାଯାଉଥିବା ହ୍ୟାଣ୍ଡବ୍ୟାଗ୍ କେବେ ଦେଖିଛନ୍ତି କି! ବର୍ତ୍ତମାନ ସମୟ ପାଇଁ ଏଭଳି ଅଜବ ବ୍ୟାଗ୍ ଦେଖିବା ଆଉ ସ୍ୱପ୍ନ ହୋଇ ରହିନାହିଁ। କାରଣ ମାର୍କେଟ୍‌ରେ ଏବେ ଗ୍ରାହକଙ୍କ କିଣିବା ନିମନ୍ତେ ଏହା ଉପଲବ୍ଧ ହେଲାଣି। ମୋଟା ଲୋକଙ୍କର ପେଟ ଯେମିତି ଟିକେ ଫୁଲିକି ଥାଏ, ସେହିଭଳି ପେଟ ଡିଜାଇନ୍‌ର ହୋଇଥିବା ଏହି ବ୍ୟାଗ୍‌ରେ ଏକ ନାଭି କଣା ଥିବାର ମଧ୍ୟ ଦେଖିବାକୁ ମିଳେ।

**ବ୍ରକୋଲି ହ୍ୟାଣ୍ଡବ୍ୟାଗ୍:** ବ୍ରକୋଲି ଦେଖିବାକୁ ଯେମିତି ଆଖିଦୃଶିଆ ହୋଇଥାଏ, ଠିକ୍ ସେମିତି ଏହି ଷ୍ଟାଇଲ୍‌ର ହ୍ୟାଣ୍ଡବ୍ୟାଗ୍‌କୁ କ୍ୟାରି କଲେ କ୍ଲାସି ଲୁକ୍ ମିଳେ। ଏହି ହ୍ୟାଣ୍ଡବ୍ୟାଗ୍‌କୁ ଅଫିସ୍ ହେଉ ଅବା ପାର୍ଟି, ଫଙ୍କଶନ୍ କିମ୍ବା ଆଉଟିଂରେ ଗଲାବେଳେ ମଧ୍ୟ କ୍ୟାରି କରିପାରିବେ।

**ଫିଶ୍ ହ୍ୟାଣ୍ଡବ୍ୟାଗ୍:** ରଙ୍ଗିନ ମାଛର ସୌନ୍ଦର୍ଯ୍ୟ ବେଶ୍ ଆକର୍ଷଣୀୟ ଲାଗିଥାଏ। ଏବେ ସେମିତି କିଛି ସୁନ୍ଦର ରଙ୍ଗିନ ମାଛର ଡିଜାଇନ୍ ଏବଂ ରଙ୍ଗକୁ ଅନୁକରଣ କରି ହ୍ୟାଣ୍ଡବ୍ୟାଗ୍ ତିଆରି ହେଲାଣି। ଏହାକୁ ଡ୍ରେସ୍ ସହ ମ୍ୟାଚିଂ କରି ପାର୍ଟି, ଫଙ୍କଶନ୍‌ରେ କ୍ୟାରି କଲେ ଷ୍ଟାଇଲିଶ୍ ଲୁକ୍ ମିଳିଥାଏ।

**ଡାଇସ୍ ହ୍ୟାଣ୍ଡବ୍ୟାଗ୍:** ଡାଇସ୍ ବା ଲୁଡୁ ଗୋଟିକୁ ଥାକ ଥାକ କରି ଥୋଇ ହ୍ୟାଣ୍ଡବ୍ୟାଗ୍ ଡିଜାଇନ୍‌ର ଆକୃତି ଦେଲେ ଯେମିତି ଲାଗେ, ଠିକ୍ ସେହିଭଳି ଆକୃତିର ହ୍ୟାଣ୍ଡବ୍ୟାଗ୍ ଏବେ ମାର୍କେଟ୍‌ରେ ମିଳିଲାଣି। ଏହାକୁ କ୍ୟାରି କଲେ ସ୍ମାର୍ଟ ଲୁକ୍ ମିଳିଥାଏ।









# ମଡେଲ ମିରର୍



ସମତା

## ସୂଚନା

ଏଠାରେ ଫଟୋ ପ୍ରକାଶ ପାଇବା ପାଇଁ କିଛି ଟଙ୍କା ଦେବାକୁ ପଡ଼େନାହିଁ। ଯୋଗ୍ୟ ବିବେଚିତ ଫଟୋ ହିଁ ପ୍ରକାଶ ପାଇବ।

ଆପଣଙ୍କ ମୁହଁ ମଡେଲ ମିରର୍‌ରେ ଦେଖିବାକୁ ଚାହୁଁଥିଲେ ଯୋଗାଯୋଗ: ଧରିତ୍ରୀ ଛୁଟିଦିନ, ବି–୧୫ ରସୁଲଗଡ଼ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
ଫୋନ ନଂ: (୦୬୭୪) ୨୫୮୦୧୦୧

**ଫଟୋ ସୌଜନ୍ୟ– କୁମାର ଶରତ**

# ହାଃ ହାଃ

## କଞ୍ଜୁସ୍

ପ୍ରେମିକା– ଚାଲ ନା ଜାନୁ, ମ୍ୟାକଡୋନାଲ୍ଡ ଯିବା।
ପ୍ରେମିକ– ମ୍ୟାକଡୋନାଲ୍ଡର ସ୍ପେଲିଂ କୁହ, ତା'ପରେ ଯାଇ ଯିବା।
ପ୍ରେମିକା– ଛାଡ, ସେଠି ଯିବାନି। କେଏଫ୍‌ସି ଯିବା।
ପ୍ରେମିକ– କେଏଫ୍‌ସିର ଫୁଲ୍‌ଫର୍ମ କୁହ।
ପ୍ରେମିକା– କଞ୍ଜୁସ୍ କୋଉଠିକାର। ରାସ୍ତା କଡର ସିଙ୍ଗଡା ତ ଖାଇବାକୁ ଦେ।

## ବିଏମ୍‌ଡବ୍ଲୁ

ରାକେଶ ମୋହନକୁ– ବାହାଘରରେ ତତେ କ'ଣ ମିଳିଲା ?
ମୋହନ– ବିଏମ୍‌ଡବ୍ଲୁ।
ରାକେଶ– ହେଲେ ତୋ ଘରେ ତ ମୁଁ ବିଏମ୍‌ଡବ୍ଲୁ କାର୍ ଦେଖିପାରିଲିନି।
ମୋହନ– ଆରେ, ବିଏମ୍‌ଡବ୍ଲୁ ମାନେ 'ବହୁତ ମୋଟି ୱାଇଫ୍'।


## ବଳିଦାନ


ବୟଫ୍ରେଣ୍ଡ–ବେୱଫା ତୁ ମୋର ହୃଦୟ ଜାଳିକି ପାଉଁଶ କରିଦେଲୁ।
ଗର୍ଲଫ୍ରେଣ୍ଡ–ତୁମର ବଳିଦାନ ବେକାର ଯିବନି। ଦେଇଦିଅ ସେଇ ପାଉଁଶ ମୁଁ ସେଥିରେ ବାସନ ମାଜିଦେବି।

# ଡିଡିହାଟ



ପ୍ରକୃତିପ୍ରେମୀଙ୍କ ପାଇଁ ଏକ ଆକର୍ଷଣୀୟ ପର୍ଯ୍ୟଟନସ୍ଥଳୀ ହେଉଛି ଡିଡିହାଟ। ଦୁଃସାହସିକ କ୍ରୀଡ଼ା ପାଇଁ ମଧ୍ୟ ଏଠାରେ ରହିଛି ଅନେକ ବ୍ୟବସ୍ଥା। ସିରାକୋଟ ମନ୍ଦିର ହେଉଛି ଏଠାକାର ଏକ ପ୍ରମୁଖ ଆଧ୍ୟାତ୍ମିକ ସ୍ଥଳୀ, ଯେଉଁଠାକୁ ଦୂରଦୂରାନ୍ତରୁ ଶ୍ରଦ୍ଧାଳୁ ବୁଲି ଆସିଥାନ୍ତି...





ପିଥୋରାଗଡ଼ ଉତ୍ତରାଖଣ୍ଡସ୍ଥିତ ଏକ ସୁନ୍ଦର ସହର ଓ ବଡ଼ ଜିଲା ଭାବେ ପରିଚିତ। ନିଜର ଭୌଗୋଳିକ ଅବସ୍ଥିତି ତଥା ବିଭିନ୍ନ ପର୍ଯ୍ୟଟନସ୍ଥଳୀ ପାଇଁ ଏହା ଆଗନ୍ତୁକଙ୍କ ଗହଣରେ ବେଶ୍ ପ୍ରସିଦ୍ଧି ଲାଭ କରିପାରିଛି। ପାହାଡ଼, ଘାଟି, ଘାସ ଗାଲିଚା, ଘନ ଜଙ୍ଗଲ, ଜଳପ୍ରପାତ, ନଦୀ ଇତ୍ୟାଦି ଏହି ସ୍ଥାନକୁ ଆକର୍ଷଣୀୟ କରିବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥାଏ। ପିଥୋରାଗଡ଼ଠାରୁ ମାତ୍ର ୫୪ କି.ମି. ଦୂରରେ ରହିଛି ଡିଡିହାଟ ନାମକ ଏକ ଆକର୍ଷଣୀୟ ପର୍ଯ୍ୟଟନସ୍ଥଳୀ ; ଯାହାର ଆକର୍ଷଣରେ ଆକର୍ଷିତ ହୋଇ ବର୍ଷସାରା ପର୍ଯ୍ୟଟକ ଏଠାକୁ ବୁଲି ଆସିଥାନ୍ତି।

### କାହିଁକି ଆସିବେ ଡିଡିହାଟ

ଡିଡିହାଟର ଭ୍ରମଣ ପର୍ଯ୍ୟଟକଙ୍କ ନିମନ୍ତେ ଅନେକ ଅନୁଭୂତି ସାଉଁଟିବାର ସୁଯୋଗ ଆଣି ଦେଇଥାଏ। ପ୍ରକୃତିପ୍ରେମୀଙ୍କ ପାଇଁ ଏଠାରେ ରହିଛି ବହୁ ଆକର୍ଷଣୀୟ ସ୍ଥାନ। ସେହିପରି ଯେଉଁମାନେ ଦୁଃସାହସିକ ପର୍ଯ୍ୟଟନରେ ରୁଚି ରଖିଥାନ୍ତି, ସେମାନଙ୍କ ପାଇଁ ବି ଏଠାରେ ଅନେକ ସୁବିଧା ରହିଛି। ଟ୍ରେକିଂ, ହାଇକିଂ, କ୍ୟାମ୍ପିଂର ଭଲ ବ୍ୟବସ୍ଥା ରହିଛି ଏଠାରେ। ଅନ୍ୟପକ୍ଷେ ଏଠାକାର ଧାର୍ମିକସ୍ଥଳୀ ମଧ୍ୟ ବେଶ୍ ମନୋରମ। ସିରାକୋଟ ମନ୍ଦିର ହେଉଛି ଏଠାକାର ଏକ ପ୍ରସିଦ୍ଧ ତୀର୍ଥକ୍ଷେତ୍ର, ଯେଉଁଠାରେ ବର୍ଷସାରା ଶ୍ରଦ୍ଧାଳୁଙ୍କର ଭିଡ଼ ଲାଗି ରହିଥାଏ।

### ନିକଟବର୍ତ୍ତୀ ପର୍ଯ୍ୟଟନସ୍ଥଳୀ

ଡିଡିହାଟର ନିକଟବର୍ତ୍ତୀ ଅଞ୍ଚଳରେ ମଧ୍ୟ ଆହୁରି କେତୋଟି ଆକର୍ଷଣୀୟ ପର୍ଯ୍ୟଟନସ୍ଥଳୀ ରହିଛି। ଯେମିତିକି ଆସ୍‌କଟ୍ କସ୍ତୁରୀ ମୃଗ ଅଭୟାରଣ୍ୟ, ମୁନ୍‌ସିୟାରୀ, ଆବୋଟ୍ଟ ମାଉଣ୍ଟ , ପିଥୋରାଗଡ଼ ସହର, କୌସାନୀ, ଅଲ୍‌ମୋଡା, ବାଗେଶ୍ୱର ଇତ୍ୟାଦି। ପର୍ଯ୍ୟଟକ ଚାହିଁଲେ ଡିଡିହାଟ ବୁଲିବା ସହିତ ଏହିସବୁ ସ୍ଥାନକୁ ମଧ୍ୟ ଭ୍ରମଣରେ ଯାଇପାରିବେ।

### କେବେ ଯିବେ


ଡିଡିହାଟର ଜଳବାୟୁ ବର୍ଷସାରା ବେଶ୍ ଅନୁକୂଳ ରହିଥାଏ। ତେଣୁ ପର୍ଯ୍ୟଟକ ବର୍ଷର ଯେ କୌଣସି ସମୟରେ ଚାହିଁବେ ଏଠାକୁ ବୁଲି ଆସିପାରିବେ। କିନ୍ତୁ ସ୍ଥାନୀୟ ପାଣିପାଗ ସୂଚନା କେନ୍ଦ୍ର ଅନୁଯାୟୀ, ଏଠାକୁ  ଆସିବା ପାଇଁ ସେପ୍ଟେମ୍ବରରୁ ଫେବୃୟାରୀ ହେଉଛି ସବୁଠାରୁ ଉପଯୁକ୍ତ ସମୟ। ଖାସ୍ କଥା ହେଉଛି, ଶୀତଦିନେ ଏଠାକାର ପ୍ରାକୃତିକ ପରିବେଶର ସୌନ୍ଦର୍ଯ୍ୟ ଅଧିକ ଆକର୍ଷଣୀୟ ଲାଗିଥାଏ।


### କେମିତି ଯିବେ


ଡିଡିହାଟ ପିଥୋରାଗଡ଼ ଜିଲାର ଏକ ଲୋକପ୍ରିୟ ପର୍ଯ୍ୟଟନସ୍ଥଳୀ ହୋଇଥିବାରୁ, ଏଠାକୁ ପରିବହନର ତିନୋଟି ମାର୍ଗ ମାଧ୍ୟମରେ ବୁଲି ଯାଇହେବ। ପନ୍ତନଗର ଏୟାରପୋର୍ଟ ହେଉଛି ଏହାର ନିକଟତମ ବିମାନବନ୍ଦର, ଯେଉଁଠାରୁ ଡିଡିହାଟ ଯିବା ପାଇଁ ଟ୍ୟାକ୍ସିର ସୁବିଧା ରହିଛି। ସେହିପରି ଟନକପୁର ଏବଂ କାଠଗୋଦାମ ହେଉଛି ଏହାର ଦୁଇ ପ୍ରମୁଖ ରେଲଷ୍ଟେଶନ। ଅନ୍ୟପକ୍ଷେ ସଡ଼କପଥରେ ମଧ୍ୟ ଏଠାକୁ ଯିବାର ସୁବିଧା ରହିଛି। ଦେଶର ଛୋଟବଡ଼ କେତେକ ପ୍ରମୁଖ ସହରରୁ ଏଠାକୁ ନିୟମିତ ବ୍ୟବଧାନରେ ବସ୍ ତଥା ଟ୍ୟାକ୍ସି ଯା'ଆସ କରିଥାଏ। ତେଣୁ ପର୍ଯ୍ୟଟକ ଯେଉଁଥିରେ ସୁବିଧା ସେଥିରେ ଆରାମରେ ଯାଇ ଡିଡିହାଟରେ ପହଞ୍ଚିପାରିବେ।



# ଝୁଲନ୍ତା ମନ୍ଦିର










ପାହାଡ଼ ଉପରେ ଥିବା ଅନେକ ମନ୍ଦିର ସମ୍ପର୍କରେ ଜାଣିଥିବେ ଓ ଯାଇଥିବେ ମଧ୍ୟ। ହେଲେ କେବେ ପାହାଡରେ ଝୁଲି ରହିଥିବା ମନ୍ଦିର ବିଷୟରେ ଶୁଣିଛନ୍ତି ? ଏମିତି ଏକ ମନ୍ଦିର ଅଛି ଚାଇନା, ସାଞ୍ଜିର ହ୍ୟାଙ୍ଗ ମାଉଣ୍ଟେନ୍‌ରେ। ଏହା ଅଜବଭାବେ ପାହାଡରେ ଝୁଲି ରହିଛି। ତେଣୁ ଏହା 'ହ୍ୟାଙ୍ଗିଙ୍ଗ ମୋନାଷ୍ଟରି' ନାମରେ ବି ପରିଚିତ। କୁହାଯାଏ ୧୫୦୦ ବର୍ଷ ପୁରାତନ ଏହି ମନ୍ଦିରକୁ ବନ୍ୟାରେ ପ୍ରଭାବିତ ନ ହେବା ଓ ଝଡ ତୋଫାନରେ ସୁରକ୍ଷିତ ରହିବା ପାଇଁ ନିର୍ମାଣ ହୋଇଥିଲା। ମନ୍ଦିର ନିକଟରେ ଥିବା ଦତୋଙ୍ଗ ସହରର ଏ ହେଉଛି ଏକ ଐତିହାସିକ ସ୍ଥଳ। ମନ୍ଦିରର ସଂରଚନାକୁ ଓକ୍‌ର କ୍ରସ୍‌ବିମ୍ବରେ ଫିଟ୍ କରାଯାଇଛି। ଆଉ ପାହାଡର ମଝି ଭାଗରେ ଲୁହା ଖମ୍ବରେ ମନ୍ଦିରଟି ଝୁଲି ରହିଛି। ଉକ୍ତ ମନ୍ଦିରରେ ଚାଇନାର ତିନୋଟି ପରମ୍ପରାର ମିଶ୍ରଣ ଦେଖିବାକୁ ମିଳେ। ସେ ହେଉଛି ବୌଦ୍ଧ ଧର୍ମ, ତାଓ ଏବଂ କନ୍‌ଫୁଶିବାଦ। ଏହି ତିନି ଧର୍ମର ପ୍ରାୟ ୮୦ଟି ପ୍ରତିମୂର୍ତ୍ତି ଏଠାରେ ଦେଖିବାକୁ ମିଳେ। ମନ୍ଦିରର ନିର୍ମାଣ କାର୍ଯ୍ୟର ଆରମ୍ଭ ଉତ୍ତରର ୱେଇ ସାମ୍ରାଜ୍ୟର ଅନ୍ତ ସମୟରେ ଲିଓ ରୈନ୍ ନାମକ ବ୍ୟକ୍ତିଙ୍କ ଦ୍ୱାରା ହୋଇଥିଲା। ଆଉ ଏହା ଏଭଳି ଅଜବ ଶୈଳୀରେ ନିର୍ମିତ ହୋଇଛି ଯେ, ତାହା ଚାଇନାର ସ୍ଥପତିଙ୍କ ପାଇଁ ଏକ ବଗେଷଣାର କେନ୍ଦ୍ର ପାଲଟିଛି। ମନ୍ଦିରରେ ପ୍ରାୟ ୪୦ଟି ଅଲଗା ଅଲଗା କୋଠରି ଅଛି। ଆଉ ସେସବୁ ପରସ୍ପର ସହ ଅନେକ କରିଡର, ବ୍ରିଜ୍ ଓ ୱାକ୍‌ୱେ ଦ୍ୱାରା ସଂଯୁକ୍ତ ହୋଇଛି। ଏହି ମନ୍ଦିରରେ ଅନେକ ପ୍ରାଚୀନ ପ୍ରତିମୂର୍ତ୍ତି ବି ରହିଛି। ମନ୍ଦିରକୁ ପହଞ୍ଚିବା ପାଇଁ ଲୁହା ଓ କାଠର ଶିଡି ତିଆରି କରାଯାଇଛି। ଆଉ ଏହାକୁ ଦେଖିବା ପାଇଁ ଏସିଆର ଅନେକ ଦେଶ ସହ ୟୁରୋପରୁ ବି ପର୍ଯ୍ୟଟକ ଆସନ୍ତି।

## କାର୍ଟୁନ କର୍ନର



# ମଞ୍ଚରେ ମା' ହେବା ସହଜ ନୁହେଁ

''ରାଜକୁମାର ବିକ୍ରାନ୍ତ ଜଗଦେବର ଜନ୍ମଦିନ। ସେ ଖୁସି ହୋଇ ଧାଇଁ ଆସୁଛି ମା' ରାଣୀ ରାଜେଶ୍ୱରୀ ଜଗଦେବଙ୍କ ନିକଟକୁ। କହୁଛି, ମତେ ଜନ୍ମଦିନର ଉପହାର ଦିଅ ମା'। ମା' ତାକୁ ଏମିତି ଏକ ଉପହାର ଦେଉଛି ଯାହା ଏ ସୃଷ୍ଟିର କୌଣସି ମା' ତା'ପୁଅକୁ ଦେଇନାହିଁ କିମ୍ବା ଆଗକୁ ମଧ୍ୟ ଦେବନାହିଁ। ତା'ହେଲେ ପୁଅକୁ କି ଉପହାର ଦେଉଛନ୍ତି ରାଣୀ ରାଜେଶ୍ୱରୀ ଜଗଦେବ? ପୁଅକୁ ଗୁଳିକରି ମାରି ଦେଉଛନ୍ତି ସେ। ରାଜେଶ୍ୱରୀ କେବଳ ଜଣେ ରାଣୀ ନୁହନ୍ତି; ସେ ହେଉଛନ୍ତି ଜଣେ ଡିଷ୍ଟ୍ରିକ୍ଟ ଜଜ୍। ତାଙ୍କ ବିଚାରରେ ତାଙ୍କ ପୁଅ ଦୋଷୀ। କାରଣ ସେ ଜଣେ ଦୁରାଚାରୀ!''


ମାନସୀ ଦଳେଇ

ଚଳିତବର୍ଷର ଅନ୍ୟତମ ଲୋକପ୍ରିୟ ନାଟକ ଅରୁଣ ନାୟକଙ୍କ ରଚିତ ତଥା ମହେଶ ହାଜରାଙ୍କ ନିର୍ଦ୍ଦେଶିତ 'ମୃତ୍ୟୁଦଣ୍ଡ'ର ଏହା ହେଉଛି ପ୍ରଥମ ଦୃଶ୍ୟ। ଏଭଳି ଏକ ମା' ଚରିତ୍ରରେ ଅବତୀର୍ଣ୍ଣ ହୋଇଥିବା ଅଭିନେତ୍ରୀ ଜଣକ ହେଉଛନ୍ତି ମାନସୀ ଦଳେଇ। ମାନସୀଙ୍କ ଚାଲିରେ ରାଜକୀୟତା, ଆଖିରେ ନ୍ୟାୟ ପୁଣି ନିଜ ପୁଅକୁ ନିଜ ହାତରେ ଦଣ୍ଡ ଦେବା ବେଳର ଦୃଢ଼ତା – ଚରିତ୍ରଟିକୁ କେବଳ ଜୀବନ୍ତ କରିନାହିଁ; ଅଧିକନ୍ତୁ ତାଙ୍କ ପରିପକ୍ୱତାର ପ୍ରମାଣ ଦେଇଛି। ଓଡ଼ିଆ ଯାତ୍ରାର ଦର୍ଶକମାନେ ଯେଉଁ କେତେଜଣ ଅଭିନେତ୍ରୀଙ୍କୁ ସତସତିକା ମା' ଭାବରେ ଗ୍ରହଣ କରିନେଇଛନ୍ତି ସେମାନଙ୍କ ମଧ୍ୟରୁ ଜଣେ ହେଉଛନ୍ତି ମାନସୀ ଦଳେଇ। ୧୯୯୭ରେ ମାନସୀ ଆସନ୍ତି ଯାତ୍ରାକୁ। ଯୋଗଦିଅନ୍ତି 'ଅଷ୍ଟଶମ୍ଭୁ'ରେ। ପ୍ରଥମ ନାଟକ 'ଆଖି ନାହିଁ ମୋ ସାକ୍ଷୀ ନାହିଁ'। ଏଥିରେ ମିଳେ ତାଙ୍କୁ ପାର୍ଶ୍ୱ ଅଭିନେତ୍ରୀର ଭୂମିକା। ଏହାପରେ ଆଉ ସେ ପଛକୁ ଚାହାନ୍ତି ନାହିଁ। 'ଭଲ ପାଇଥିଲି ରାଜା ଝିଅକୁ', 'ମାୟାବିନୀ', 'ରାଜଧାନୀ ରାତି', 'ଲୁହରେ ଲେଖୁଛି ନିଜ କାହାଣୀ', 'କଳାଓଢ଼ଣୀ', 'ପାକିସ୍ତାନୀ ଝିଅ' ଭଳି ନାଟକରେ ନିଖୁଣ ଅଭିନୟକରି ସେ ନିଜ ପାଇଁ ଏକ ସୁଦୃଢ଼ ସ୍ଥାନ ତିଆରି କରିନିଅନ୍ତି ଜଲିଉଡ୍‌ରେ। ସାଇଡ୍ ହିରୋଇନରୁ ହିରୋଇନ – ପରିଶେଷରେ ମା' ଭୂମିକାରେ ଅଭିନୟ କରନ୍ତି ମାନସୀ। ଆଉ ମା' ଭୂମିକାରେ ଅଭିନୟକରି ସେ ରାତାରାତ ପରିଚିତ ହୋଇଯାଆନ୍ତି ଯାତ୍ରାର ଦର୍ଶକମାନଙ୍କ ନିକଟରେ। ଏ ସମ୍ପର୍କରେ ମତାମତ ଦେଇ ମାନସୀ କହନ୍ତି, ''ମା' ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା। ଅନୁଭବ ଆଉ ଅନୁଭୂତିରେ ସେତିକି ପରିପକ୍ୱତା ନ ଆସିଲେ ମା' ରୋଲ କରିବା ସହଜ ନୁହେଁ। ଜଣେ ଇଚ୍ଛାକଲେ ବା ପରିଶ୍ରମ କରିଦେଲେ ହୁଏତ ହିରୋଇନ୍ ହୋଇଯାଇପାରେ। ମାତ୍ର ସେତିକି ଦକ୍ଷ ନ ହେଲେ ମା' ହେବା ସମ୍ଭବ ନୁହେଁ।'' ସ୍ୱାମୀ ପ୍ରଫୁଲ୍ଲ ଦଳେଇ ମଧ୍ୟ ଜଣେ ଅଭିନେତା। ପ୍ରତି ରାତିରେ ମଞ୍ଚରେ ମା' ସାଜୁଥିବା ମାନସୀ ବାସ୍ତବ ଜୀବନରେ ପୁଅ ରଶ୍ମିରଞ୍ଜନଙ୍କର ଜଣେ ସବୁଠୁ ଭଲ ମା'। ମଞ୍ଚରେ ମା' ଭୂମିକାରେ ଅବତୀର୍ଣ୍ଣ ହେଉଥିବା ବେଳେ ତାଙ୍କ ଭିତରେ ଥିବା ସତସତିକା ମା'ଟି ମଧ୍ୟ ଜାଗ୍ରତ ହୋଇଉଠେ। ଆଉ ସମ୍ଭବତଃ ସେଥିଲାଗି ସେ ମା' ଭୂମିକାକୁ ଖୁବ୍ ଜୀବନ୍ତ କରିପାରନ୍ତି ବୋଲି କହନ୍ତି ମାନସୀ।

# ଯାତ୍ରା ସ୍ୱପ୍ନରେ ରଞ୍ଜନ

ଯାତ୍ରାଜଗତର ଉଦ୍ଦୀୟମାନ ଯୁବ ନିର୍ଦ୍ଦେଶକ ରଞ୍ଜନ ବିଶ୍ୱାଳଙ୍କ ପାଇଁ ଯାତ୍ରା ଏମିତି ଏକ ସ୍ୱପ୍ନ ଯାହାକୁ ସେ ରାତିର ପାଆନ୍ତା ପ୍ରହରରେ ଦେଖି ସକାଳକୁ ଭୁଲିଯିବା ପାଇଁ ଚାହାନ୍ତି ନାହିଁ। ଏହି ସ୍ୱପ୍ନର ଆରମ୍ଭ ହୋଇଥିଲା ଆଜକୁ ଠିକ୍ ୬ବର୍ଷ ତଳେ ଅର୍ଥାତ୍ ୨୦୧୨ ମସିହାରେ। ଏହାପୂର୍ବରୁ ନାଟ୍ୟକାର ତଥା ନିର୍ଦ୍ଦେଶକ ହିମାଂଶୁ ସାମଲ (ହେମି)ଙ୍କ ତତ୍ତ୍ୱାବଧାନରେ ସେ 'ଭାଉଜ', 'ଟୋପାଏ ସିନ୍ଦୂର', 'କଳିଯୁଗ' ଭଳି ସିରିଏଲର ସହକାରୀ ନିର୍ଦ୍ଦେଶକ ରହିବା ସହିତ 'କଳିଯୁଗ'ରେ ଅଭିନୟ ମଧ୍ୟ କରିଥିଲେ। 'କଳିଯୁଗ'ର 'ଧରମା' ଚରିତ୍ର ତାଙ୍କ ଜୀବନରେ ଥିଲା ଏକ ମାଇଲଖୁଣ୍ଟ। ରଞ୍ଜନଙ୍କ ନିଷ୍ଠା ଓ ଦକ୍ଷତା ଦେଖି ନିର୍ଦ୍ଦେଶକ ହିମାଂଶୁ ସାମଲ ତାଙ୍କୁ ଯାତ୍ରାରେ ବି ନିଜର ସହକାରୀ ଭାବରେ କାମ କରିବାର ସୁଯୋଗ ଦେଲେ। ଅବଶ୍ୟ ପୂର୍ବରୁ ରଞ୍ଜନ 'ଦୁର୍ଗାଶ୍ରୀ ଗଣନାଟ୍ୟ'ରେ ନିର୍ଦ୍ଦେଶକ ଯୋଗେନ୍ଦ୍ର ମଲ୍ଲିକଙ୍କ ଅଧୀନରେ 'ଅଲାଜୁକୀ ଜହ୍ନ' ନାଟକରେ ସହ-ନିର୍ଦ୍ଦେଶକ ଦାୟିତ୍ୱ ତୁଲାଇ ସାରିଥାନ୍ତି। ତା'ସତ୍ତ୍ୱେ ହିମାଂଶୁ ସାମଲଙ୍କ ଠାରୁ ତାଙ୍କୁ ମିଳେ ଆଗକୁ ଯିବାର ପ୍ରେରଣା। ତାଙ୍କରି ଠାରୁ ସେ ଶିଖନ୍ତି ନିର୍ଦ୍ଦେଶନାର ବ୍ୟାକରଣ।

ବାଘାଜତିନ ଲୋକନାଟ୍ୟର ନାଟକ ଚାଲିଥାଏ। ନିର୍ଦ୍ଦେଶକ ଥାନ୍ତି ହିମାଂଶୁବାବୁ। ସହ-ନିର୍ଦ୍ଦେଶକ ଭାବରେ କାମ କରୁଥାନ୍ତି ରଞ୍ଜନ। ନାଟ୍ୟକାର ଥାଆନ୍ତି ନିହାର ମହାନ୍ତି। ସେଇଠି ନିହାର ମହାନ୍ତି ତାଙ୍କୁ କହିଲେ : ରଞ୍ଜନ! ତମେ ଏ ସହ ନିର୍ଦ୍ଦେଶନା ଛାଡ଼ି ନିର୍ଦ୍ଦେଶନା ଦିଅ। ମୁଁ ତୁମକୁ ପାର୍ଟି ଯୋଗେଇଦେବି। ଆଉ ତୁମ ପାଇଁ ନାଟକ ବି ଲେଖିବି। ବାସ୍, ଏଇଠୁ ଆରମ୍ଭ ହେଲା ରଞ୍ଜନଙ୍କ ଜୀବନର ଏକ ନୂଆ ଅଧ୍ୟାୟ। ସେ ନିର୍ଦ୍ଦେଶନା ଦେବା ଲାଗି



ଅଣ୍ଟା ଭିଡ଼ିଲେ ଆଉ ନିର୍ଦ୍ଦେଶନା ବି ଦେଲେ। ନାଟକ ଥିଲା ନିହାର ମହାନ୍ତିଙ୍କ 'ସଲାମ ଇଣ୍ଡିଆ'। ଆଉ ପାର୍ଟି ଥିଲା ଭୁବନେଶ୍ୱରର 'ରିୟଲ ଗଣନାଟ୍ୟ'।

ନାଟ୍ୟକାର ଶ୍ରୀନିବାସ ବିଶ୍ୱାଳ ଓ ସରସ୍ୱତୀ ବିଶ୍ୱାଳଙ୍କ ସୁପୁତ୍ର ରଞ୍ଜନ ଇତିମଧ୍ୟରେ ଏକାଧିକ ସଫଳ ନାଟକର ନିର୍ଦ୍ଦେଶନା ଦେଇ ସାରିଲେଣି। ତାଙ୍କର ସଫଳ ନାଟକଗୁଡ଼ିକ ମଧ୍ୟରେ ରହିଛି 'ସଲାମ ଇଣ୍ଡିଆ', 'ସ୍ୱର୍ଗଦ୍ୱାର', 'ଧଉଳି ଏକ୍ସପ୍ରେସ୍', 'କଳିଯୁଗର ରାମାୟଣ', 'ଗଙ୍ଗା ଧୋଇବନି ପାପ ତୋର' ଏବଂ ଆହୁରି ଅନେକ। ଚଳିତ ଯାତ୍ରା ଋତୁରେ ଅଭିନୀତ ହେଉଥିବା ତାଙ୍କର ନାଟକଗୁଡ଼ିକ ମଧ୍ୟରେ ରହିଛି 'ଧଉଳି ଗଣନାଟ୍ୟ'ର 'କଳାକାହ୍ନୁ ମୋର କାଳିଆସୁନା', 'ତ୍ରିନାଥ ଗଣନାଟ୍ୟ'ର 'ମୋ ସ୍ତ୍ରୀର ଗପ ନ କହିଲେ ପାପ' ଏବଂ 'ଯାତ୍ରା ମନ୍ଦିର'ର 'ଅଗ୍ନିପରୀକ୍ଷା'। ପତ୍ନୀ ଲକ୍ଷ୍ମୀପ୍ରିୟା ଏବଂ ଦୁଇଝିଅ ସାଇକ୍ରିଷ୍ଣା ଓ ସାଇସ୍ମିତାଙ୍କୁ ନେଇ ଏକ ସୁଖୀ ଦାମ୍ପତ୍ୟ ଅତିବାହିତ କରୁଥିବା ରଞ୍ଜନ କହନ୍ତି, ''ଯାତ୍ରାର ଅଧୋଗତି ପାଇଁ ମୁଁ ଆମ ମାଷ୍ଟରମାନଙ୍କୁ ଦାୟୀ କରିବି। ସେମାନେ ଯଦି ନିଷ୍ଠାର ସହିତ ନିଜର ଦାୟିତ୍ୱ ନିର୍ବାହ କରନ୍ତେ ତା'ହେଲେ ଆଜି ଯାତ୍ରା ଯେଉଁ ଦୁର୍ଗତିର ଦ୍ୱାରରେ ଠିଆ ହୋଇଛି ତାହା ହୋଇ ନ ଥାନ୍ତା। ଦର୍ଶକମାନେ ଯାତ୍ରାରୁ ମୁହଁ ଫେରାନ୍ତେ ନାହିଁ।'' ଯାତ୍ରାକୁ ନିଜର ସ୍ୱପ୍ନ ବୋଲି କହୁଥିବା ରଞ୍ଜନଙ୍କ ଜୀବନର ସ୍ୱପ୍ନ ହେଉଛି ଭଲ କାମ କରିବା, ଦର୍ଶକଙ୍କୁ ଭଲ ନାଟକଟିଏ ଦେବା ଏବଂ ସର୍ବୋପରି ଭଲ ମଣିଷ ହୋଇ ବଞ୍ଚିବା।

# ମାରାଥନ ମମ୍

ଗର୍ଭାବସ୍ଥାରେ ମାରାଥନ। କଥାଟି ଆଶ୍ଚର୍ଯ୍ୟ ଲାଗୁଥାଇପାରେ। ମାତ୍ର ସେମିତି ହୋଇଥିଲା ଗର୍ଭଧାରଣ କରିଥିବା ଜଣେ ମହିଳା ମାରାଥନରେ ଭାଗ ନେଇଥିଲେ ଏବଂ ସଫଳତା ବି ପାଇଥିଲେ। ସେ ହେଉଛନ୍ତି ଆମେରିକା ଶିକାଗୋର ମାରାଥନ୍ ମମ୍ ଅମ୍ବର ମିଲର। ମିଲର ଥିଲେ ୩୯ ସପ୍ତାହର ଗର୍ଭବତୀ। ସେ ଏବଂ ତାଙ୍କର ପରିବାର ତାଙ୍କ ଦ୍ୱିତୀୟ ସନ୍ତାନକୁ ଅପେକ୍ଷା କରୁଥିଲେ। ଶିକାଗୋ ମାରାଥନ ପାଇଁ ପ୍ରସ୍ତୁତ ହୋଇଗଲେ ଅମ୍ବର ମିଲର। ସମସ୍ତଙ୍କର ଧାରଣା ଥିଲା ହୁଏତ ସେ ମାରାଥନ ଶେଷ କରିପାରିବେ ନାହିଁ। ମାତ୍ର ସମସ୍ତଙ୍କ କଳ୍ପନାଜଳ୍ପନାର ଅବସାନ ଘଟାଇ ସେ ମାରାଥନରେ ଭାଗନେଲେ। କେବଳ ଭାଗ ନେଲେ ନାହିଁ; ତାହା ସଫଳତାର ସହିତ ସମାପ୍ତ କଲେ। ସେଥିପାଇଁ ସେ ନେଇଥିଲେ ୬ଘଣ୍ଟା ୨୫ମିନିଟ୍ ୫୦ ସେକେଣ୍ଡ। ସୂଚନାଯୋଗ୍ୟ ଯେ, ଅମ୍ବର ମିଲର ଜଣେ ପ୍ରଫେସନାଲ ମାରାଥନର। ପ୍ରଚଣ୍ଡ ଇଚ୍ଛାଶକ୍ତି ତାଙ୍କୁ ଏଭଳି ଏକ ସଫଳତା ଦେଇଥିବା ସେ ପ୍ରକାଶ କରିଥିଲେ।









ବ୍ୟାକ୍ ପେଜ୍

# ପପ୍‌କର୍ନ ବେଳାଭୂମି

ବେଳାଭୂମିର ଆକର୍ଷଣକୁ କେହି କେବେ ଏଡାଇପାରେନା। କିଛି ସମୟ ଏଠାରେ ବିତାଇଲେ ମିଳେ ପରମ ଆନନ୍ଦ ଓ ତୃପ୍ତି। ସେଇଥିପାଇଁ ତ ପୃଥିବୀରେ ଯେତେ ବେଳାଭୂମି ଅଛି ସବୁଠି ଦେଖିବାକୁ ମିଳେ ପ୍ରବଳ ଜନଗହଳି। କିଛି ବେଳାଭୂମି ତ ତା'ର ସ୍ୱତନ୍ତ୍ରତା ପାଇଁ ସାରା ପୃଥିବୀରେ ପ୍ରସିଦ୍ଧ। ଠିକ୍ ଯେମିତି ସ୍ପେନ୍‌ର ଫୁଏର୍ଟେଭେନ୍‌ଚୁରା ବେଳାଭୂମି, ଯାହା ପ୍ରସିଦ୍ଧ ତା'ର ଶ୍ୱେତବର୍ଣ୍ଣ ବାଲି ପାଇଁ। ତେବେ ଏହା ଆଉ ଏକ କାରଣ ପାଇଁ ବି ଲୋକପ୍ରିୟ। ଏହାର ବାଲି ଦେଖିବାକୁ ଅବିକଳ ଶ୍ୱେତବର୍ଣ୍ଣର ପପ୍‌କର୍ନ ଭଳି। ଦେଖିଲେ ଲାଗେ ସତେ ଯେମିତି ବେଳାଭୂମିସାରା ପପ୍‌କର୍ନ ବିଛେଇ ହୋଇପଡିଛି। ଆଉ ଏହା ଏତେ ବାସ୍ତବ ଲାଗେ ଯେ, ଖାଇଦେବାକୁ ଇଚ୍ଛା ହେବ। ହେଲେ ଏଗୁଡିକ ପ୍ରବାଳର ପଥର ଖଣ୍ଡ। ଏହି ବେଳାଭୂମିରେ ସାଧାରଣ ବାଲି ନ ଥିବାରୁ ତାହା ଆରାମଦାୟକ ନୁହେଁ। ତେଣୁ ଏହା ସନ୍‌ବାଥ୍ ପାଇଁ ପ୍ରସିଦ୍ଧ ନୁହେଁ। ହେଲେ ଥରେ ନିଶ୍ଚୟ ବୁଲିଆସିବା ଭଳି ସ୍ଥାନ ଟିଏ। ଯଦିଓ ଏହି ବେଳାଭୂମି ବହୁ ପୁରୁଣା, ହେଲେ ତାହା ଲୋକଲୋଚନକୁ ବହୁତ ଡେରିରେ ଆସିଥିଲା। ଆଉ ଏହାକୁ ଲୋକପ୍ରିୟ କରାଇବା ପଛରେ ଇନ୍‌ଷ୍ଟାଗ୍ରାମ୍‌ର ବିଶେଷ ଭୂମିକା ରହିଛି। ଏଥିରେ କିଛିଟା ଫଟୋ ଅପଲୋଡ ହେବା ପରେ ଅଧିକରୁ ଅଧିକ ଲୋକ ଏହା ସମ୍ପର୍କରେ ଅବଗତ ହେଲେ। ଆଉ ଏବେ ଏହା ସାରା ପୃଥିବୀରେ ବହୁ ପରିଚିତ।







# ପାଠୋଇ ଜେଜେମା'

ଅନେକ ସମୟରେ ମା'ବାପା ପିଲାଙ୍କୁ ଭଲ ନ ପଢିଲେ ଅନ୍ୟ ପିଲାଙ୍କ ଉଦାହରଣ ଦିଅନ୍ତି। ହେଲେ ଜଣେ ୯୬ ବର୍ଷୀୟ ମହିଳା ପାଠପଢାରେ ଏମିତି କାରନାମା କରି ଦେଖାଇଛନ୍ତି ଯେ, ଏବେ ମା'ବାପା ପିଲାଙ୍କୁ ତାଙ୍କ ଉଦାହରଣ ଦେବେ। ସେ ହେଉଛନ୍ତି କେରଳ, ଅଲପୁଝାର ଚେପ୍ପାଡୁ ଗାଁରେ ରହୁଥିବା କାର୍ତ୍ତିୟାନୀ ଆମ୍ମା। କେରଳରେ ହେଉଥିବା 'ଅକ୍ଷରଲକ୍ଷ୍ୟମ୍' ସାକ୍ଷରତା କାର୍ଯ୍ୟକ୍ରମ ଅନ୍ତର୍ଗତ ହେଉଥିବା ପରୀକ୍ଷାରେ ସେ ୯୮ ପ୍ରତିଶତ ମାର୍କ ରଖି ଟପ୍ପର ହୋଇଛନ୍ତି। ଏହି କାର୍ଯ୍ୟକ୍ରମ 'କେରଳ ଷ୍ଟେଟ୍ ଲିଟରାସି ମିଶନ' ତରଫରୁ ହୋଇଥାଏ। ଉକ୍ତ ପରୀକ୍ଷାରେ କାର୍ତ୍ତିୟାନୀଙ୍କର ଲିଖନ, ପଠନ ଓ ଗାଣିତିକ କ୍ଷମତାର ପରୀକ୍ଷା କରାଯାଇଥିଲା। ୪୩ ହଜାରରୁ ଊର୍ଦ୍ଧ୍ୱ ଜଣ ଏହି ପରୀକ୍ଷା ଦେଇଥିଲେ। ଆଉ କାର୍ତ୍ତିୟାନୀ ଥିଲେ ସମସ୍ତଙ୍କଠାରୁ ବୟସ୍କା। ଏହି କାର୍ଯ୍ୟକ୍ରମ ପୂର୍ବରୁ ଭଲ ସାକ୍ଷରତା ହାର ଥିବା କେରଳରେ ଶତ ପ୍ରତିଶତ ସାକ୍ଷରତା ହାସଲ କରିବା ପାଇଁ ଆରମ୍ଭ କରାଯାଇଥିଲା। ବିବିସିକୁ କାର୍ତ୍ତିୟାନୀ କହିଥିଲେ, 'ମୋର ପାଠପଢା ଏବେ ଆଉ ଅଟକିବ ନାହିଁ। ଖୁବ୍‌ଶୀଘ୍ର ମୁଁ ଚତୁର୍ଥ ଶ୍ରେଣୀ ପଢା ଶେଷ କରିବି। ପରେ ଅଷ୍ଟମ ଓ ଦଶମ ଶ୍ରେଣୀ ପରୀକ୍ଷା ବି ଦେବି। ୧୦୦ ବର୍ଷ ବୟସରେ ମୁଁ ୧୦ମ ଶ୍ରେଣୀ ଶେଷ କରିବାକୁ ସ୍ଥିର କରିଛି। ଏହାପରେ ଏକ ସରକାରୀ ଚାକିରି କରିବାକୁ ବି ମୋର ଇଚ୍ଛା ଅଛି।' ତେବେ ସବୁଠାରୁ କୌତୂହଳର ବିଷୟ ହେଉଛି ଉକ୍ତ ପରୀକ୍ଷାରେ କାର୍ତ୍ତିୟାନୀଙ୍କ ସହ ତାଙ୍କ ଜ୍ୱାଇଁ ବି ପରୀକ୍ଷା ଦେଇଥିଲେ। ହେଲେ ସେ ତାଙ୍କ ଶାଶୁଙ୍କଠାରୁ ୧୦ ମାର୍କ କମ୍ ରଖିଥିଲେ। ସୂଚନାଯୋଗ୍ୟ ଯେ, ପରିବାରର ଆର୍ଥିକ ସ୍ଥିତି ଖରାପ ଥିବା ଯୋଗୁ ସେ ପିଲାଦିନେ ଖୁବ୍ କମ୍ ପଢିଥିଲେ। ଆଉ ସ୍କୁଲ ଛାଡିବାକୁ ପଡିଥିଲା। ବିବାହ ଓ ୬ ସନ୍ତାନର ଜନନୀ ହେବା ପରେ ସ୍ୱାମୀଙ୍କ ଦେହାନ୍ତ ହେଲା। ଅନ୍ୟ ଘରେ କାମ କରି ପିଲାଙ୍କୁ ବଡ କଲେ। ପରିଣତ ବୟସରେ ସେ ନିଜ ଝିଅଙ୍କଠୁ ପ୍ରେରଣା ପାଇ ଉକ୍ତ ପରୀକ୍ଷା ଦେଇଥିଲେ। ଏବେ କମ୍ପ୍ୟୁଟର ଶିଖିବାକୁ ବି ତାଙ୍କର ଇଚ୍ଛା ଅଛି।